୨୧ - ୨୭ ଜାନୁଆରୀ ୨୦୨୪

ରବିବାର


ସକାଳ
THE SAKALA


# ସିନ୍ଦୁରା

- ରହସ୍ୟମୟ ନାଗା ସାଧୁ
- ନାଗା ସାଧୁଙ୍କ ଶୃଙ୍ଗାର ସପ୍ତଦଶ
- ନିବସ୍ତ୍ର ନାଗା ବାବା
- କୁମ୍ଭ ମେଳାରେ ନାଗା ସନ୍ନ୍ୟାସୀ
- ନାଗା ସନ୍ନ୍ୟାସୀଙ୍କ ଆଖଡ଼ା
- ନାଗା ସାଧ୍ୱୀ



## ଭିନ୍ନ ସାଧନା ନାଗା





ମୁନିଋଷିଙ୍କ ତପୋଭୂମି ଭାରତବର୍ଷ । କେଉଁ କାଳରୁ ଆର୍ଯ୍ୟବର୍ତ୍ତ ପାଲଟିଛି ସାଧୁସନ୍ଥଙ୍କ ପବିତ୍ର ନିବାସସ୍ଥଳ । ସାଂସାରିକ ମୋହମାୟା ତ୍ୟାଗ କରି ଏକ ନିର୍ଦ୍ଦିଷ୍ଟ ଧର୍ମର ତପସ୍ୱୀ ହେଉଛନ୍ତି ସାଧୁ । ସାଧୁର ଅର୍ଥ ହେଉଛି ଯେଉଁମାନେ ସାଧନା ଅଭ୍ୟାସ କରନ୍ତି । ଆଧ୍ୟାତ୍ମିକ ମାର୍ଗର ଅନୁସରଣ କରନ୍ତି । ଅଧିକାଂଶ ସାଧୁ, ଯୋଗୀ । ତେବେ ସବୁ ଯୋଗୀ, ସାଧୁ ନୁହଁନ୍ତି । ସାଧୁମାନଙ୍କ ଜୀବନ ପୂରା ଧ୍ୟାନ ଓ ଭଗବାନ ଚିନ୍ତନ ପ୍ରତି ଉତ୍ସର୍ଗୀକୃତ । ମୋକ୍ଷ ପ୍ରାପ୍ତି ପାଇଁ ସମର୍ପିତ ସେମାନଙ୍କ ଜୀବନ । ବିଭିନ୍ନ ଧର୍ମରେ ସାଧୁସନ୍ଥ ରହିଛନ୍ତି । ତେବେ ସମସ୍ତଙ୍କ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏକ । ତେଣୁ ସାଧୁମାନେ କଠୋର ସାଧନାରେ ନିମଗ୍ନ ହୋଇ ରହିଥାନ୍ତି ।

ଭାରତରେ ଥିବା ବିଭିନ୍ନ ଧର୍ମର ସାଧୁମାନଙ୍କ ମଧ୍ୟରୁ ନାଗା ସାଧୁ ବା ନାଗା ବାବା ଅନ୍ୟତମ । ନାଗା ସାଧୁ ହେଉଛନ୍ତି ହିନ୍ଦୁ ଧର୍ମାବଲମ୍ବୀ ସାଧୁ । ଏହି ସାଧୁମାନେ ରଣ କଳାରେ ବେଶ୍ ନିପୁଣ । 'ନାଗା' ଶବ୍ଦର ଅର୍ଥ ନଗ୍ନ । ଏହି ସାଧୁମାନେ ସର୍ବଦା ନଗ୍ନ ହୋଇ ରହିଥାନ୍ତି । ଏହା ସେମାନଙ୍କ ଭେକ । ସେମାନେ ନିଜକୁ ଈଶ୍ୱରଙ୍କ ଦେବଦୂତ ବୋଲି ଭାବିଥାନ୍ତି । ନାଗା ସାଧୁ ହେବାକୁ ପ୍ରାୟ ୧୨ ବର୍ଷ ସମୟ ଲାଗିଥାଏ । କୁମ୍ଭ ମେଳାରେ ଦୀକ୍ଷା ନେବା ପରେ ନାଗା ପନ୍ଥରେ ସେମାନେ ସାମିଲ ହୋଇଥାନ୍ତି । ନାଗା ସାଧୁଙ୍କୁ ପ୍ରଥମେ ବ୍ରହ୍ମଚାରୀ ହେବାର ଶିକ୍ଷା ଦିଆଯାଏ । ଏହି ପରୀକ୍ଷରେ ସଫଳ ହେଲା ପରେ ମହାପୁରୁଷ ଦୀକ୍ଷା ଦିଆଯାଇଥାଏ । ନିଜ ସମୁଦାୟକୁ ଏମାନେ ନିଜ ପରିବାର ବୋଲି ଗ୍ରହଣ କରିଥାନ୍ତି । ସଂସାର, ପରିବାର ସେମାନଙ୍କ ପାଇଁ କୌଣସି ବିଶେଷ ଗୁରୁତ୍ୱ ରଖେ ନାହିଁ । ବିଚିତ୍ର ଏମାନଙ୍କ ବେଶଭୂଷା । ମହିଳା ନାଗା ସାଧୁ ବା ସାଧ୍ୱୀ ମଧ୍ୟ ରହିଛନ୍ତି । ପୁରୁଷ ନାଗା ବାବାଙ୍କ ପରି ସେମାନେ ମଧ୍ୟ କଠୋର ସାଧନା କରିଥାନ୍ତି । ନାଗା ବାବା ହୁଅନ୍ତୁ ବା ସାଧ୍ୱୀ ହେବା ପାଇଁ ଗଭୀର ନିଷ୍ଠା, ତ୍ୟାଗ ଓ ସାଧନା ଆବଶ୍ୟକ । ନଗ୍ନ ଶରୀରରେ ଖରା, ବର୍ଷା, ଶୀତ କାଟିଥାଆନ୍ତି । ବେଶ୍ ରହସ୍ୟମୟ ନାଗା ବାବାଙ୍କ ଜୀବନଶୈଳୀ । ନାଗା ସାଧୁଙ୍କ ଇତିହାସ, ଦୀକ୍ଷା ପରମ୍ପରା, ସାଧନା ଓ ଉଦ୍ଦେଶ୍ୟକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ : '**ଭିନ୍ନ ସାଧନା ନାଗା**'

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

# କେମିତି କଟିବ ସପ୍ତାହ


**ମେଷ**
ରବିବାର କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବେ । ସୋମ, ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ମହିଳାମାନେ ନୂତନ ନିଯୁକ୍ତି ପାଇବାର ଯୋଗ ରହିଛି । ଶୁକ୍ର, ଶନିବାରରେ କୋର୍ଟକଚେରୀ ମାମଲାରେ ସଫଳତା ହାସଲ କରିବେ ।


**ବୃଷ**
ରବିବାର ଖାଦ୍ୟ ପାନୀୟ ପ୍ରତି ସତର୍କ ରୁହନ୍ତୁ । ପରିବାରବର୍ଗଙ୍କ ସହାୟତା ପାଇବେ । ସୋମ, ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ । ବୁଧ,ଗୁରୁବାରରେ ସନ୍ତାନମାନେ କ୍ୟାରିୟରରେ ଉନ୍ନତି କରିବେ । ଶୁକ୍ର, ଶନିବାରରେ ଅଚିହ୍ନା ଲୋକଙ୍କ ଉପରେ ଭରସା କରନ୍ତୁ ନାହିଁ ।


**ମିଥୁନ**
ରବିବାର ବହୁ ଦିନର ସ୍ୱପ୍ନ ପୂରଣ ହେବ । ମହିଳାମାନେ ହତୋତ୍ସାହ ହେବେ । ସୋମ, ମଙ୍ଗଳବାରରେ ପ୍ରସନ୍ନତା ବୃଦ୍ଧିପାଇବ । ଘରୋଇ ମାମଲାରେ ଫସି ରହିବେ । ବୁଧ, ଗୁରୁବାରରେ ଧାର୍ମିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ ପଡ଼ୋଶୀଙ୍କ ସହ ସମ୍ପର୍କ ଉତ୍ତମ ରହିବ ।


**କର୍କଟ**
ରବିବାର ସମାଜରେ ମାନସମ୍ମାନର ଅଧିକାରୀ ହେବେ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ବୁଧ, ଗୁରୁବାରରେ ବେରୋଜଗାରମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଶୁକ୍ର, ଶନିବାରରେ ସାଙ୍ଗସାଥୀଙ୍କ ସହ ଭୁଲ୍ ବୁଝାମଣା ପାଇଁ ଦୂରତା ବଢ଼ିବ ।


**ସିଂହ**
ରବିବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହୋଇପାରେ । ସୋମ, ମଙ୍ଗଳବାରରେ ଅଟକି ରହିଥିବା ଧନ ଫେରିପାଇବେ । ବୁଧ, ଗୁରୁବାରରେ କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଶୁକ୍ର, ଶନିବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ ।


**କନ୍ୟା**
ରବିବାର ନିଜ ଦକ୍ଷତା ବଳରେ ଲୋକମାନଙ୍କୁ ପ୍ରଭାବିତ କରିବେ । ସୋମ, ମଙ୍ଗଳବାରରେ ଦୀର୍ଘ ଦିନ ପରେ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ବୁଧ, ଗୁରୁବାରରେ ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ସୁଯୋଗ ରହିଛି ।


**ତୁଳା**
ରବିବାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ । ସୋମ, ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ବୁଧ,ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ପଥ ଉନ୍ମୋଚିତ ହେବ ।


**ବିଛା**
ରବିବାରରେ ଅକସ୍ମାତ୍ ଧନଲାଭର ଯୋଗ ରହିଛି । ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ସୋମ,ମଙ୍ଗଳବାରରେ ପାରିବାରିକ କ୍ଷେତ୍ରରେ ବୁଝାମଣା ରହିବ । ବୁଧ,ଗୁରୁବାରରେ ଭାଇଭଉଣୀଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ଈର୍ଷାପରାୟଣ ବ୍ୟକ୍ତିମାନେ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ସମସ୍ୟା ବଢ଼ାଇବେ ।


**ଧନୁ**
ରବିବାର ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ । ସୋମ, ମଙ୍ଗଳବାରରେ ଆର୍ଥିକ ସ୍ଥିତି ମଜଭୁତ ରହିବ । ଶତ୍ରୁମାନଙ୍କର କୂଟଚକ୍ରାନ୍ତରେ ପଡ଼ିପାରନ୍ତି । ବୁଧ, ଗୁରୁବାରରେ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । ଶୁକ୍ର, ଶନିବାରରେ ମହିଳାମାନେ ସ୍ୱାଧୀନମନା ହେବେ । ଦାୟିତ୍ୱ ସୁଚାରୁ ରୂପେ ସମାପନ କରିବେ ।


**ମକର**
ରବିବାର ପରିବାରରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ସୋମ, ମଙ୍ଗଳବାରରେ ପଦୋନ୍ନତି ପାଇଁ ବିଭିନ୍ନ ପ୍ରକାର କୌଶଳ ଆପଣାଇବେ । ବୁଧ,ଗୁରୁବାରରେ ବ୍ୟାବସାୟିକ କାର୍ଯ୍ୟରେ ସାଙ୍ଗସାଥୀଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ନିଜ ବ୍ୟବହାର ପାଇଁ ପ୍ରଶଂସିତ ହେବେ ।


**କୁମ୍ଭ**
ରବିବାର ପରିବାରରେ ତିକ୍ତତା ଦେଖାଦେବ । ମହିଳାମାନେ ଦୁର୍ବଳମନା ହେବେ । ସୋମ, ମଙ୍ଗଳବାରରେ ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ବୁଧ, ଗୁରୁବାରରେ ଅସହାୟ ବ୍ୟକ୍ତିଙ୍କୁ ସହାଯ୍ୟ କରି ଆତ୍ମସନ୍ତୋଷ ପାଇବେ । ଶୁକ୍ର,ଶନିବାରରେ ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଇବ ।


**ମୀନ**
ରବିବାର ମାନସିକ ତଥା ପାରିବାରିକ ଶାନ୍ତି ହରାଇ ବସିବେ । ସୋମ, ମଙ୍ଗଳବାରରେ ଉନ୍ନତିମୂଳକ କାର୍ଯ୍ୟରେ ବ୍ୟସ୍ତ ରହିବେ । ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ରହିବ । ବୁଧ,ଗୁରୁବାରରେ କାର୍ଯ୍ୟସ୍ଥଳୀରେ ଉନ୍ନତି କରିବା ପାଇଁ ଉଚ୍ଚଅଧିକାରୀଙ୍କ ପରାମର୍ଶ ଲୋଡ଼ିବେ । ଶୁକ୍ର,ଶନିବାରରେ ନୂତନ କର୍ମାରମ୍ଭ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରିବେ ।



# ରହସ୍ୟମୟ ନାଗା ସାଧୁ



ପୁଣ୍ୟଭୂମି ଭାରତବର୍ଷ ମୁନି-ଋଷି ତଥା ସାଧୁ-ସନ୍ଥଙ୍କର ଏକ ଦେଶ । ଏହି ସାଧୁମାନଙ୍କର ସାଧନା ଲବ୍ଧ ଜ୍ଞାନ ଓ ଦାର୍ଶନିକ ଚେତନା ସମସ୍ତ ବିଶ୍ୱବାସୀଙ୍କୁ ଦିଗ୍‌ଦର୍ଶନ ଦେଇଛି । ମୁଖ୍ୟତଃ ଏହି ସାଧୁସନ୍ଥମାନେ ଚାରି ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ । ତାହା ହେଲା – ଶ୍ରୀ ସମ୍ପ୍ରଦାୟ, ରୁଦ୍ର ସମ୍ପ୍ରଦାୟ, ବ୍ରହ୍ମ ସମ୍ପ୍ରଦାୟ ଓ ସନକ ସମ୍ପ୍ରଦାୟ । ପରବର୍ତ୍ତୀ କାଳରେ ଏହି ସମ୍ପ୍ରଦାୟଗୁଡ଼ିକ ପରିବାର ଭେଦରେ ବିଭିନ୍ନ ଶାଖା ପ୍ରଶାଖାରେ ବିଭକ୍ତ ହେଲା । ସେମାନଙ୍କର ଆଦର୍ଶଗତ ସାମ୍ୟତା ଥିଲେ ମଧ୍ୟ ସେମାନଙ୍କ ଚିତା ବା ତିଳକରେ କିଛି ପାର୍ଥକ୍ୟ ଦେଖାଯାଏ । ଯଦ୍ୱାରା ନିଜଗୁରୁ ଓ ପରିବାରର ସୂଚନା ମିଳିଥାଏ । ନାଗା ସାଧୁମାନେ ଶିବ ଓ ଅଗ୍ନିଭକ୍ତ ହୋଇଥିବାରୁ ଏମାନେ ରୁଦ୍ର ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ବୋଲି ବିଚାର କରାଯାଏ । ସେମାନଙ୍କ ଜୀବନ ବେଶ୍ ରହସ୍ୟମୟ । ଏହି ପରିପ୍ରେକ୍ଷୀରେ ନାଗା ସାଧୁମାନଙ୍କ ଇତିହାସ, ଜୀବନ ଶୈଳୀ, କଠୋର ସାଧନା, ଉପାଧି ଆଦିକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା ।




ଡକ୍ଟର ଅଭିମନ୍ୟୁ ବରାଳ

ନାଗା ସାଧୁଙ୍କ ଜୀବନ ଅତ୍ୟନ୍ତ ରହସ୍ୟମୟ ଅଟେ । ଶରୀରେ ଶ୍ମଶାନର ପାଉଁଶ, କପାଳରେ ତିଳକ ଏବଂ ଅଗ୍ନି ପରି ଜ୍ୱଳନ୍ତ ମୁଖମଣ୍ଡଳ ସେମାନଙ୍କୁ ଏକ ଭିନ୍ନ ରୂପ ଦେଇଥାଏ । ଏହି ସାଧୁମାନେ ସାଧାରଣ ଜୀବନଠାରୁ ଦୂରରେ ରହନ୍ତି । ଏମାନେ ଶାନ୍ତ ପ୍ରକୃତିର । କିନ୍ତୁ କେହି ଯଦି ତାଙ୍କୁ ଥଟ୍ଟା କରନ୍ତି, ତେବେ ସେମାନଙ୍କର କ୍ରୋଧର ଶିକାର ହେବାକୁ ବେଶି ସମୟ ଲାଗେ ନାହିଁ । ସେମାନଙ୍କୁ ଶାନ୍ତ କରିବା ମଧ୍ୟ ବହୁତ କଷ୍ଟସାଧ୍ୟ ହୋଇଯାଏ ।


ନାଗା ସାଧୁମାନଙ୍କ ବେଶଭୂଷା ଅନ୍ୟ ସାଧୁସନ୍ଥଙ୍କ ଅପେକ୍ଷା ସମ୍ପୂର୍ଣ୍ଣ ଅଲଗା । ନାଗା ସାଧୁ ସର୍ବଦା ଉଲଗ୍ନ ରହିବା ସହିତ ଦେହସାରା ଭସ୍ମ ବିଲେପିତ ହୋଇଥାନ୍ତି । ମୁଣ୍ଡରେ ବଡ଼ ବଡ଼ ଜଟା ଥାଏ । ଅନ୍ୟ ସାଧୁସନ୍ଥଙ୍କ ପରି ନାଗା ସାଧୁମାନଙ୍କୁ ଭଗବାନଙ୍କ ତୁଲ୍ୟ ମନେ କରାଯାଏ । ଭଗବାନ ଶିବଙ୍କର ପରମଭକ୍ତ ବୋଲି ଗ୍ରହଣ କରାଯାଏ । ନାଗା ସାଧୁମାନଙ୍କ ଜୀବନ ଶୈଳୀ ସାଧାରଣ ଜୀବନଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେମାନଙ୍କୁ ସଂସାରର ସବୁ ମୋହମାୟା ପରିତ୍ୟାଗ କରିବା ସହ ବିଭିନ୍ନ ଜଟିଳ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

## ନାଗାଙ୍କ ଇତିହାସ

ନାଗାଙ୍କ ଇତିହାସ ମଧ୍ୟ ଅତ୍ୟନ୍ତ ପ୍ରାଚୀନ । ସର୍ବପ୍ରଥମେ ବେଦବ୍ୟାସ ସଂଗଠିତ ଭାବେ ବନବାସୀ ପରମ୍ପରା ସୃଷ୍ଟି କରିଥିଲେ । ଏହା ପରେ ଶୁକଦେବ ଗୋସ୍ୱାମୀ ନୂଆ ରୂପ ପ୍ରଦାନ କଲେ । ଏହାର ପରବର୍ତ୍ତୀ ସମୟରେ ଆଦି ଶଙ୍କରାଚାର୍ଯ୍ୟ ଚାରିମଠ ସ୍ଥାପନ କରି ଦଶନାମୀ ସମ୍ପ୍ରଦାୟ ଗଠନ କଲେ । ଏହାପରେ ଆଖଡ଼ା ପରମ୍ପରା ସୃଷ୍ଟି ହେଲା ।







## ନାଗାଙ୍କ ଉପାଧି

ଚାରି କୁମ୍ଭ ମେଳାରେ ନାଗାମାନଙ୍କୁ ଉପାଧି ପ୍ରଦାନ କରାଯାଏ। ଏଲାହାବାଦରେ 'ନାଗା' ଉପାଧି, ଉଜ୍ଜୟିନୀ କୁମ୍ଭରେ 'ଖୁନୀ ନାଗା' ଉପାଧି, ହରିଦ୍ୱାର କୁମ୍ଭରେ 'ବର୍ଫାନୀ ନାଗା' ଉପାଧି ତଥା ନାସିକ କୁମ୍ଭ ମେଳାରେ 'ଖିଚଡ଼ିଆ ନାଗା' ଉପାଧି ପ୍ରଦାନ କରାଯାଏ। ଯଦ୍ୱାରା ଜଣା ପଡ଼ିଥାଏ, କିଏ କେଉଁଠାରେ ନାଗା ଦୀକ୍ଷା ଗ୍ରହଣ କରିଛି।

## ନାଗାଙ୍କ ଅଭିବାଦନ ମନ୍ତ୍ର

**'ଓଁ ନମୋ ନାରାୟଣଃ'**- ଉଚ୍ଚାରଣ କରି ନାଗାମାନେ ଅଭିବାଦନ କରିଥାନ୍ତି। ନାଗାଙ୍କ ଆରାଧ୍ୟ ଦେବତା ହେଲେ ଭଗବାନ ଶିବ। ଶିବଙ୍କ ବ୍ୟତୀତ ସେ ଅନ୍ୟ କାହାକୁ ମାନନ୍ତି ନାହିଁ। ନାଗାମାନେ ଧାରଣ କରୁଥିବା ବସ୍ତୁ ସବୁ ହେଲା – ତ୍ରିଶୂଳ, ଡମ୍ବରୁ, ରୁଦ୍ରାକ୍ଷ, ତଲବାର, ଶଙ୍ଖ, କୁଣ୍ଡଳ, କମଣ୍ଡଳୁ, କଡ଼ା, ଚିମୁଡ଼ା, କମର ବନ୍ଧ ବା କୌପିନ୍, ଚିଲମ ବିଭୂତି ଆଦି। ନାଗାମାନେ ଗୁରୁସେବା, ଆଶ୍ରମ କାର୍ଯ୍ୟ, ପ୍ରାର୍ଥନା, ତପସ୍ୟା, ଯୋଗକ୍ରିୟା କରି ଦିନ ଅତିବାହିତ କରନ୍ତି।



## ଗୁରୁ ଦୀକ୍ଷା

ନାଗା ସାଧୁଙ୍କର ଗୁରୁ ଥାନ୍ତି। ଆଖଡ଼ାରୁ ସେମାନେ ଗୁରୁ ଗ୍ରହଣ କରି ଦୀକ୍ଷା ନିଅନ୍ତି। କିନ୍ତୁ ଅଘୋରୀ ବାବାମାନଙ୍କର ଗୁରୁ ସ୍ୱୟଂ ଶିବ ହୋଇନଥାନ୍ତି। ଅଘୋରୀଙ୍କୁ ଶିବଙ୍କର ପଞ୍ଚମ ଅବତାର କୁହାଯାଏ। ଅଘୋରୀ ଶ୍ମଶାନରେ ଶବ ପାଖରେ ବସି ତପସ୍ୟା କରନ୍ତି। ଏମିତି କରିବା ଦ୍ୱାରା ତାଙ୍କୁ ଦୈବୀ ଶକ୍ତି ପ୍ରାପ୍ତ ହୁଏ। ନାଗା ସାଧୁମାନେ ଉଲଗ୍ନ ରହୁଥିବାବେଳେ, ଅଘୋରୀମାନେ ପଶୁ ଚମଡ଼ାରେ ନିଜ ଶରୀର ଆବୃତ କରିଥାନ୍ତି। ନାଗା ଓ ଅଘୋରୀ ଉଭୟେ ମାଂସାହାରୀ। ହେଲେ ନାଗା ସାଧୁଙ୍କ ମଧ୍ୟରେ କିଛି ଶାକାହାରୀ ମଧ୍ୟ ଥାଆନ୍ତି। ଅଘୋରୀମାନେ ଶ୍ମଶାନରେ ମଣିଷ ଶବର ମାଂସ ମଧ୍ୟ ଭକ୍ଷଣ କରନ୍ତି। ନାଗା ଓ ଅଘୋରୀ ଉଭୟେ ଅଦ୍ଭୁତ ଶକ୍ତିର ଅଧିକାରୀ। ନାଗା ସାଧୁ ମଣିଷକୁ ଜ୍ଞାନ ବାଣ୍ଟନ୍ତି। ଅଘୋରୀ ବାବା ନିଜର ତାନ୍ତ୍ରିକ ସିଦ୍ଧି ଦ୍ୱାରା ମନୁଷ୍ୟଙ୍କ ସମସ୍ୟାର ନିରାକରଣ କରନ୍ତି।

## 'ରାଜରାଜେଶ୍ୱର' ଉପାଧି

ମହାକୁମ୍ଭ ମେଳାର ଅନ୍ୟତମ ବିଶେଷ ଆକର୍ଷଣ ସାଜିଥାନ୍ତି ନାଗା ସାଧୁ। ଶରୀରରେ ଭସ୍ମଲେପନ, ହାତରେ ତ୍ରିଶୂଳ ଓ ଖଣ୍ଡା ଧରି ନାଗା ସନ୍ନ୍ୟାସୀମାନେ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଯାଉଥିବା ବେଳର ଦୃଶ୍ୟ କୁମ୍ଭର ଶ୍ରଦ୍ଧାଳୁମାନେ କେବେ ହାତ ଛଡ଼ା କରନ୍ତି ନାହିଁ, ମାତ୍ର ଜଣେ ନାଗା ସାଧୁ ହେବା ଏକ କଠୋର ତପସ୍ୟା ଭଳି। ପ୍ରୟାଗରେ ନାଗା ଦୀକ୍ଷା ଗ୍ରହଣ କଲେ 'ରାଜରାଜେଶ୍ୱର' ଉପାଧି ମିଳେ। ନାଗା ଦୀକ୍ଷା ପାଇଁ ଜଣେ ଆଗ୍ରହୀ ସାଧୁଙ୍କୁ ମହାକୁମ୍ଭ ମେଳାକୁ ନିଜ ଗୁରୁଙ୍କ ସହ ଆସିବାକୁ ପଡ଼େ। ଗୁରୁଙ୍କଠାରୁ ତାଙ୍କ ଅତୀତ ଜୀବନର ସମସ୍ତ ତଥ୍ୟ ସଂଗ୍ରହ ପରେ ବ୍ରହ୍ମଚର୍ଯ୍ୟ ଦୀକ୍ଷା ଦିଅନ୍ତି ସାଧୁ, ତା'ପରେ ଏକ ଗୋପନ ଉତ୍ସବରେ ନାଗା ଦୀକ୍ଷା ଦିଆଯାଏ ଏବଂ ସେ କୌଣସି ଏକ ଆଖଡ଼ାରେ ସାଧୁଭାବେ ଯୋଗ ଦିଅନ୍ତି। ବାରମ୍ବାର ପରୀକ୍ଷା କରି ବରିଷ୍ଠ ସନ୍ନ୍ୟାସୀ ପ୍ରମାଣପତ୍ର ଦେଲେ ଆଉ ଏକ ପରୀକ୍ଷା ଦେବାକୁ ପଡ଼େ। ସମ୍ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ ସହ ଅନେକ କଠୋର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଜଣେ ନାଗା ସାଧୁ ହୁଅନ୍ତି 'ମହାପୁରୁଷ'। ମହାପୁରୁଷର ପରବର୍ତ୍ତୀ ପଦବି 'ଅବଧୂତ'। ଲଣ୍ଡା ହୋଇ ନିଜର ଶୁଦ୍ଧିକ୍ରିୟା କରିସାରିଲେ ଜଣେ ହେବ ସମ୍ପୂର୍ଣ୍ଣ ନାଗା ସାଧୁ। ଏହି ସବୁ ପ୍ରକ୍ରିୟା ଦେଇ ଗତିକରିବାକୁ ପ୍ରାୟ ୧୨ ବର୍ଷ ସମୟ ଲାଗିଯାଏ।

## ନାଥ ପରମ୍ପରା

**ନାଗ, ନାଥ ଏବଂ ନାଗା ପରମ୍ପରା ଗୁରୁ ଦତ୍ତାତ୍ରେୟଙ୍କ ଶାଖା ପରମ୍ପରା ଅଟେ। ନବ ନାଥ ପରମ୍ପରାକୁ ବହୁତ ମହତ୍ତ୍ୱପୂର୍ଣ୍ଣ ମନେ କରାଯାଏ। ଗୁରୁ ମତ୍ସ୍ୟେନ୍ଦ୍ର ନାଥ, ଗୁରୁ ଗୋରେକ୍ଷ ନାଥ, ସାଇନାଥ ବାବା, ଗଜାନନ ମହାରାଜ, କନିଫଂ ନାଥ, ରାମଦେବ, ତେଜାଜୀ ମହାରାମ, ଗୌରାଙ୍ଗୀ ନାଥ, ଗୁଣକର ନାଥ, ଭର୍ତ୍ତୃହରି, ଜାଲନ୍ଧ୍ରୀ ପାଦ ପ୍ରମୁଖ ପ୍ରସିଦ୍ଧ।**

## ନାଗାଙ୍କ ଦିନଚର୍ଯ୍ୟା

ନାଗା ସାଧୁମାନେ ପ୍ରତ୍ୟହ ଭୋର ୪ଟା ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ପ୍ରାତଃକୃତ୍ୟ ସମାପନ କରନ୍ତି। ସ୍ନାନ କରି ସାରିବା ପରେ ଶୃଙ୍ଗାରାଦି ପ୍ରଥମେ କରିନିଅନ୍ତି। ଏହାପରେ ହବନ, ଧ୍ୟାନ, ବଜୋଲୀ, ପ୍ରାଣାୟାମ, କପାଳକ୍ରିୟା ଓ ନୌଲୀ କ୍ରିୟା କରନ୍ତି। ପୂରା ଦିନ ମଧ୍ୟରେ କେବଳ ଗୋଟିଏ ଥର ସନ୍ଧ୍ୟାବେଳେ ଭୋଜନ କରି ଶୟନ କରନ୍ତି। ଏହା ତାଙ୍କର ନିତ୍ୟ ନୈମିତିକ କାର୍ଯ୍ୟଧାରା।



## ସାଧୁ ଆଖଡ଼ା

ଯେଉଁବ୍ୟକ୍ତି ବା ସନ୍ଥ ନାଗାସାଧୁ ହେବାକୁ ଇଚ୍ଛା ପ୍ରକାଶ କରନ୍ତି, ସେମାନେ ପ୍ରଥମେ ନିଜର ଶ୍ରାଦ୍ଧ ଦାନ କରନ୍ତି। ତପ, ବ୍ରହ୍ମଚର୍ଯ୍ୟ, ଧ୍ୟାନ, ସନ୍ନ୍ୟାସ ଓ ଧର୍ମ ଅନୁଶାସନ ତଥା ନିଷ୍ଠାର କଠୋର ପରୀକ୍ଷା ଦେଇ ଗତି କରନ୍ତି ନାଗା ସାଧୁ। ଭାରତରେ ସାତଟି ସନ୍ନ୍ୟାସୀ ଆଖଡ଼ା ନାଗା ସାଧୁ ଗ୍ରହଣ କରନ୍ତି। ଏମାନେ ହେଲେ ଜୁନା, ମହାନିର୍ବାଣ, ନିରଞ୍ଜନୀ, ଅଟଳ, ଅଗ୍ନି, ଆନନ୍ଦ ଓ ଆବାହକ ଆଖଡ଼ା। ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳାର ମୁଖ୍ୟ ଆକର୍ଷଣ ହେଉଛନ୍ତି ନାଗାସାଧୁ। ଏମାନଙ୍କର ପ୍ରବଳ ସମାଗମ କୁମ୍ଭମେଳାରେ ଦେଖିବାକୁ ମିଳେ। ସମ୍ପୂର୍ଣ୍ଣ ନିବସ୍ତ୍ର, ଭସ୍ମ ଲେପନ ଶରୀର, ବିପର୍ଯ୍ୟସ୍ତ କେଶରାଶି ଓ ଜଟା, ପାଟିରେ ଚିଲମ ସହ ଖାଲି ପାଦରେ ଦଳ ଦଳ ହୋଇ ଚାଲିଥାନ୍ତି। ଏମାନେ ପହଳିରେ କଥାବାର୍ତ୍ତା କରନ୍ତି। ଏହି ସାଧୁମାନଙ୍କୁ ସ୍ନାନ ନିମନ୍ତେ ପ୍ରଥମ ଅଧିକାର ମିଳିଥାଏ। ନାଗା ସାଧୁଙ୍କର ହିନ୍ଦୁ ଧର୍ମ ଓ ସଂସ୍କୃତି ସହିତ ନିଗୂଢ଼ ସମ୍ପର୍କ ରହିଛି। ଏମାନେ ହିନ୍ଦୁ ଧର୍ମକୁ ସୈନିକ ଭଳି ସୁରକ୍ଷା ପ୍ରଦାନ କରନ୍ତି। କିନ୍ତୁ ଏମାନଙ୍କ ବିଷୟରେ କେହି କିଛି ଜାଣନ୍ତି ନାହିଁ। ସେମାନେ ମଧ୍ୟ କାହାକୁ କିଛି କହନ୍ତି ନାହିଁ। ତେଣୁ ସେମାନଙ୍କର ପରିଚୟ ପାଇବା ବଡ଼ କଷ୍ଟକର। ମହାକୁମ୍ଭରେ ସ୍ୱତନ୍ତ୍ର ଆଖଡ଼ା ବା କ୍ୟାମ୍ପରେ ଏହି ସାଧୁମାନେ ରହନ୍ତି।

## ବାଳକ ନାଗା ସାଧୁ



ନାଗା ସାଧୁ ହେବା ପାଇଁ ୧୪ ବର୍ଷରୁ କମ୍ ବୟସର ବାଳକମାନଙ୍କୁ ଗ୍ରହଣ କରାଯିବା ବେଳେ ନିୟମରେ କିଛି କୋହଳ ମଧ୍ୟ କରାଯାଏ । ବାଳକ ସାଧୁମାନଙ୍କୁ ମହନ୍ତ, କୋଠାରୀ, ଭଣ୍ଡାରୀ ଆଦି ପଦବି ଦିଆଯାଏ । ବାଳକମାନେ ସମ୍ପୂର୍ଣ୍ଣ ଉଲଗ୍ନ ରହନ୍ତି ନାହିଁ। ସେମାନେ କୌପିନ ପିନ୍ଧି ଛୋଟ ଶାଲ୍‌ଟିଏ ଘୋଡ଼ାଇ ହୁଅନ୍ତି । ଏହି ଭାବରେ ୧୨ ବର୍ଷ ରହନ୍ତି । ଜୀବନସାରା ନାଗା ସାଧୁଙ୍କ କଠୋର ଜୀବନଯାପନ ଶୈଳୀକୁ ଗ୍ରହଣ କରି ନେବାରେ ଶପଥ ନେଇଥିବା ସାଧୁଙ୍କୁ କୁହାଯାଏ 'ଅଖଣ୍ଡ ଭବୁତି' । ଏମାନଙ୍କୁ ବୈଦିକ ସଂସ୍କୃତ ବିଦ୍ୟାଳୟ କିମ୍ବା ଆଖଡ଼ା ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଶିକ୍ଷା ଦିଆଯାଏ । ଘରକୁ ଫେରିବାର ଇଚ୍ଛା ସମ୍ପୂର୍ଣ୍ଣ ତ୍ୟାଗ କଲେ 'ଟାଙ୍ଗ ତୋଡ଼ା' ଭାବରେ ସେମାନଙ୍କୁ ଆଖଡ଼ାରେ ଗ୍ରହଣ କରାଯାଏ ।

## ନାଗା ସାଧୁ ଓ ଅଘୋରୀ ବାବା



ନାଗା ଓ ଅଘୋରୀ ସାଧୁଙ୍କ ଏକା ଭଳି ବେଶଭୂଷା କିନ୍ତୁ ଅନ୍ତର ଅନେକ । ହିନ୍ଦୁ ଧର୍ମରେ ଅନେକ ପ୍ରକାରର ସାଧୁ ଥାଆନ୍ତି । ଏମାନଙ୍କ ମଧ୍ୟରୁ ଜଣେ ନାଗା ସାଧୁ ଓ ଅଘୋରୀ ବାବା, ଏମାନଙ୍କ ବେଶଭୂଷା ଦେଖିବାକୁ ପ୍ରାୟ ଏକା ଭଳି ହେଲେ ମଧ୍ୟ ତାଙ୍କର ସାଧୁ ହେବାର ପ୍ରକ୍ରିୟା ଓ ରହଣି, ସହଣି ତଥା ତପସାଧନାରେ ବହୁତ ପାର୍ଥକ୍ୟ ଅଛି । ନାଗା ସାଧୁ କୁମ୍ଭ ମେଳାରେ ବହୁ ସଂଖ୍ୟାରେ ଯୋଗ ଦିଅନ୍ତି କିନ୍ତୁ ଅଘୋରୀ ବାବାମାନେ କୁମ୍ଭ ମେଳାକୁ ଯାଆନ୍ତି ନାହିଁ। ନାଗା ଓ ଅଘୋରୀ ସାଧୁ ହେବା ପାଇଁ ବହୁତ କଠିନ ପରୀକ୍ଷା ଦେଇ ଆସିବାକୁ ପଡ଼େ । ଉଭୟଙ୍କର ସାଧୁ ହେବାର ପ୍ରକ୍ରିୟା ପ୍ରାୟ ୧୨ ବର୍ଷ ସମୟ ଲାଗେ । ନାଗା ସାଧୁମାନେ ଆଖଡ଼ାରୁ ଦୀକ୍ଷା ଗ୍ରହଣ କରନ୍ତି । କିନ୍ତୁ ଅଘୋରୀ ହେବା ପାଇଁ ଜୀବନର ଅନେକ ବର୍ଷ ଶ୍ମଶାନରେ ବହୁ କଷ୍ଟରେ ବିତାଇବାକୁ ପଡ଼ିଥାଏ ।

## ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ବ୍ରତୀ

ହିନ୍ଦୁ ଧର୍ମ ଓ ସାଧୁସନ୍ଥମାନଙ୍କ ସୁରକ୍ଷା ପାଇଁ ନାଗା ସାଧୁମାନେ ସଦା ଜାଗ୍ରତ ତଥା ଉତ୍ସର୍ଗୀକୃତ । ନାଗା ସନ୍ନ୍ୟାସୀମାନଙ୍କୁ ସମସ୍ତେ ପ୍ରାୟ ଦେବତା ଭଳି ଜ୍ଞାନ କରନ୍ତି । ହିନ୍ଦୁ ଧର୍ମ ବା ସାଧୁ ସନ୍ଥଙ୍କର କେହି କିଛି କ୍ଷତି ପହଞ୍ଚାଇଲେ ସେମାନେ ଜୀବନକୁ ବାଜି ଲଗାଇ ଦିଅନ୍ତି । ଏହା ସେମାନଙ୍କର ବିଶେଷ ଗୁଣ ।

ଏକ ବିଶେଷ ଘଟଣାକ୍ରମରେ ବିଂଶ ଶତାବ୍ଦୀର ଅର୍ଦ୍ଧଭାଗରେ ଅର୍ଥାତ୍ ୧୯୫୦ରୁ ୧୯୬୦ ମଧ୍ୟରେ ନାଗା ସାଧୁମାନେ ପୁରୀରେ ବଡ଼ ଅସୁବିଧା ପରିସ୍ଥିତି ସୃଷ୍ଟି କରିଥିଲେ । ଆଇନ୍ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା । ସେ ବର୍ଷ ପୁରୀରେ ଗୋବିନ୍ଦ ଦ୍ୱାଦଶୀ ବୁଡ଼ ପଡ଼ିଥିଲା । ଭାରତବର୍ଷର ବହୁ ସାଧୁସନ୍ଥ ତଥା ଶ୍ରଦ୍ଧାଳୁ ଭକ୍ତ ବୁଡ଼ ପକାଇବାକୁ ପୁରୀ ଆସିଥିଲେ । ବହୁତ ଜନସମାଗମ ହୋଇଥିଲା । ଅନେକ ନାଗା ସାଧୁ ମଧ୍ୟ ପୁରୀ ଆସିଥିଲେ । କୌଣସି କାରଣରୁ ନାଗାମାନଙ୍କର ପୋଲିସ୍ ସହିତ କ'ଣ ଟିକେ ବଚସା ହେଲା, ତାହା କ୍ରମଶଃ ଉଗ୍ରରୂପ ଧାରଣ କଲା । ସାଧାରଣ ଲୋକମାନେ ମଧ୍ୟ ଏହାର ଶରବ୍ୟ ହେଲେ । ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଏ ସମସ୍ତ କଥା ସତ୍ତ୍ୱେ ସେମାନେ ଶାନ୍ତ ଓ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ବ୍ରତୀ- ଏଥିରେ ସନ୍ଦେହ ନାହିଁ ।

## ନାଗା ସାଧ୍ୱୀ

ମହିଳା ନାଗା ସାଧୁ ବା ସ୍ୱାଧୀ ହେବା ଏତେ ସହଜ ନୁହେଁ, କାରଣ ଏହି ମହିଳା ସାଧୁମାନଙ୍କୁ ଏକ କଠିନ ପରୀକ୍ଷା ଦେଇ ଗତି କରିବାକୁ ପଡ଼ିଥାଏ । ନାଗା ସାଧୁ ହେବାକୁ ହେଲେ ତାଙ୍କୁ ପ୍ରଥମେ ନିଜକୁ ଭଗବାନଙ୍କ ନିକଟରେ ସମର୍ପିତ ହେବାକୁ ପଡ଼ିବ । ସେମାନଙ୍କୁ ୬ରୁ ୧୨ ବର୍ଷ ପର୍ଯ୍ୟନ୍ତ ଏକ କଠୋର ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ପଡ଼ିଥାଏ । ଏହି ସମୟରେ ତାଙ୍କୁ ସକାଳୁ ଉଠି ଭଗବାନଙ୍କୁ ଉପାସନା କରିବାକୁ ପଡ଼ିଥାଏ । ଏହା ପରେ ସେ ଦିନସାରା ଭକ୍ତିରେ ଲୀନ ହୁଅନ୍ତି । ଏହାପରେ ଗୁରୁ ତାଙ୍କୁ ନାଗା ସାଧୁ ହେବାକୁ ଅନୁମତି ଦିଅନ୍ତି । ଏହାପରେ ମହିଳା ସାଧୁମାନେ ଜୀବିତ ଥିବାବେଳେ ନିଜର ପିଣ୍ଡଦାନ ଓ ଶ୍ରାଦ୍ଧ କରିବାକୁ ପଡ଼ିଥାଏ । ଅତୀତ ଜୀବନକୁ ସମ୍ପୂର୍ଣ୍ଣ ଭୁଲିଯିବାକୁ ପଡ଼ିଥାଏ । ଏହାପରେ ସେମାନଙ୍କୁ ମୁଣ୍ଡନ କରାଯାଇ ନାଗା ସାଧୁ ଭାବେ ତିଆରି କରିବାର ପ୍ରକ୍ରିୟା ଆରମ୍ଭ ହୁଏ । ମହିଳା ନାଗା ସାଧୁମାନେ ପୁରୁଷ ନାଗାମାନଙ୍କ ଭଳି ସମ୍ପୂର୍ଣ୍ଣ ଉଲଗ୍ନ ହୁଅନ୍ତି ନାହିଁ। ସେମାନେ କେବଳ ଗେରୁଆ ରଙ୍ଗର ଗୋଟିଏ କପଡ଼ା ପିନ୍ଧନ୍ତି, ଯାହା ସିଲେଇ ହୋଇ ନଥାଏ । ସେମାନେ ସବୁବେଳେ ତିଳକ ନିଜ କପାଳରେ ଲଗାଇଥାନ୍ତି । ମହିଳା ନାଗା ସାଧୁଙ୍କୁ ନାଗିନ୍, ଅବଧୂତାନୀ ଭାବରେ ସମ୍ବୋଧନ କରାଯାଏ । ଏହା ବ୍ୟତୀତ ଅନ୍ୟ ସାଧ୍ୱୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରନ୍ତି । ମହିଳା ସାଧୁମାନେ ସମ୍ପୂର୍ଣ୍ଣ ଭାବେ ଶିବଙ୍କ ପାଇଁ ଉତ୍ସର୍ଗୀକୃତ । ଜାଗ୍ରତ ହେବାଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ, ସେମାନେ ଭଗବାନଙ୍କ ଭକ୍ତିରେ ଲୀନ ହୁଅନ୍ତି । ୧୩ ଆଖଡ଼ା ମଧ୍ୟରୁ 'ଜୁନା' ଆଖଡ଼ା ସବୁଠାରୁ ବଡ଼ ଆଖଡ଼ା । ଜୁନା ଆଖଡ଼ାରେ ମହିଳାମାନଙ୍କର ମାଈ ବଡ଼ା ଆଖଡ଼ାରେ ସାମିଲ କରି ନିଆଯାଇଛି । ମହିଳାମାନଙ୍କର ଏହି ଆଖଡ଼ା ବ୍ୟତୀତ, ଅନ୍ୟ ଆଖଡ଼ାରେ ଅନେକ ମହିଳା ସାଧୁ ଅଛନ୍ତି । ଯେଉଁମାନେ ବିଭିନ୍ନ ଆଖଡ଼ା ସହିତ ଜଡ଼ିତ ଏବଂ ନାଗା ସମେତ ଅନେକ ଭିନ୍ନ ଆଖ୍ୟାରେ ସମ୍ମାନିତ ।



## ଶ୍ରୀକ୍ଷେତ୍ର ପୁରୀରେ ନାଗା ମଠ

ଶ୍ରୀ ମାଧ୍ୱ ଗୋଡ଼ୀୟ ସମ୍ପ୍ରଦାୟର ଅନ୍ୟତମ ପ୍ରମୁଖ ମଠ ହେଉଛି ନାଗା ମଠ । ପୁରୀ ହରଚଣ୍ଡୀ ସାହିର ବାରବାଟୀ ଜାଗା ସମ୍ମୁଖରେ ଏହି ପ୍ରସିଦ୍ଧ ମଠଟି ଅବସ୍ଥିତ । ଏହି ମଠରେ ଦୀକ୍ଷିତ ସାଧୁମାନେ ପୂର୍ବୋକ୍ତ ନାଗାମାନଙ୍କ ଭଳି ନୁହଁନ୍ତି । ଏମାନେ ସାଧାରଣ ସାଧୁ ସନ୍ନ୍ୟାସୀ ଭଳି ଜୀବନଯାପନ କରନ୍ତି । ଚାରି ସମ୍ପ୍ରଦାୟର ନାଗା ମଠ ଅଛି । ଏମାନେ ସାଧୁ ସନ୍ଥମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତି । ଏହି ନାଗାମାନେ ଅନେକ ସାଧନା କରିପାରନ୍ତି । ଏପରିକି ଶୁଣାଯାଏ ସିଦ୍ଧ ପୁରୁଷ ନାଗା ପ୍ରେମାନନ୍ଦ ଦାସଜୀ ଶ୍ରୀନୃସିଂହ କବଚ ସିଦ୍ଧି କରି ପାରିଥିଲେ । ଏପରିକି ସେ ବାଘ ଉପରେ ବସି ବୁଲି ପାରୁଥିଲେ । ପୁରୀରେ ଅନେକ ଗୁଡ଼ିଏ ନାଗା ମଠ ରହିଛି । ■



ବର୍ଷଣା ବିହାର, ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ- ୯ ୯୩୭୮୩୫୨୩୦



# ନାଗା ସାଧୁଙ୍କ ଶୃଙ୍ଗାର ସପ୍ତଦଶ

ସାଧାରଣତଃ ମହିଳାଙ୍କ ଷୋହଳ ଶୃଙ୍ଗାର କଥା ସମସ୍ତେ ଜାଣନ୍ତି । ତେବେ ନାଗା ସାଧୁଙ୍କ ଶୃଙ୍ଗାର କିନ୍ତୁ ସେମାନଙ୍କଠାରୁ ଆଉ ପାଦେ ଆଗରେ ରହିଛି । ନାଗା ସାଧୁ ୧୭ ଶୃଙ୍ଗାରରେ ସେମାନେ ନିଜକୁ ସଜାନ୍ତି । ଯାହାକୁ କୁମ୍ଭରେ ଶାହୀ ସ୍ନାନ ସମୟରେ ହିଁ ଦେଖିବାକୁ ମିଳିଥାଏ । କୁହାଯାଏ, ଏହି ୧୭ ଶୃଙ୍ଗାରରେ ନାଗା ସାଧୁଙ୍କ ଦର୍ଶନ ଦ୍ୱାରା ଅନେକ ଜନ୍ମର ପୁଣ୍ୟ ଲାଭ ହୁଏ । ତେବେ ସେମାନେ ୧୭ ଶୃଙ୍ଗାରକୁ କିଭଳି କରନ୍ତି ଓ ଏଥିରେ କ'ଣ ସବୁ ସାମିଲ ରହିଛି, ତାହାକୁ ନେଇ ଏହି ବିଶେଷ ପ୍ରତିବେଦନ ।

## ନିତ୍ୟକର୍ମ ପରେ ଶୃଙ୍ଗାର

ନାଗା ସନ୍ନ୍ୟାସୀଙ୍କ ଜୀବନଶୈଳୀ ସାଧାରଣ ଲୋକଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେହିପରି ସେମାନଙ୍କ ଦିନଚର୍ଯ୍ୟା ପାଳନ କରିବା ମଧ୍ୟ ସହଜ ନୁହେଁ । ନାଗାମାନେ ଭୋର ୪ଟାରେ ଶଯ୍ୟାତ୍ୟାଗ କରନ୍ତି । ନିତ୍ୟକର୍ମ ପରେ ନାଗା ସନ୍ନ୍ୟାସୀଙ୍କର ପ୍ରଥମ କାମ ହେଉଛି ଶୃଙ୍ଗାର କରିବା । ଏହାପରେ ଯଜ୍ଞ, ଧ୍ୟାନରେ ସେମାନେ ନିଜକୁ ବ୍ୟସ୍ତ ରଖନ୍ତି । ସେହିପରି ଦିନକୁ ଥରେ ଅର୍ଥାତ୍ କେବଳ ସନ୍ଧ୍ୟାରେ ଖାଆନ୍ତି । ତା'ପରେ ସେମାନେ ନିଦ୍ରା ଯାଆନ୍ତି ।

## କେମିତି କରନ୍ତି ଶୃଙ୍ଗାର

ପ୍ରଥମତଃ କୁମ୍ଭ ମେଳାରେ ହିଁ ନାଗାଙ୍କ ଶୃଙ୍ଗାର ସେମାନଙ୍କ ପାଇଁ ଖୁବ୍ ଗୁରୁତ୍ୱ ବହନ କରିଥାଏ । ଶାହୀ ସ୍ନାନ ପରେ ନାଗା ସାଧୁ ପୂରାପୂରି ସଜବାଜ ହୋଇ ନିଜକୁ ପ୍ରସ୍ତୁତ କରନ୍ତି । ଏହା ପରେ ସେମାନେ ଭଗବାନ ଶିବ ତଥା ଆଖଡ଼ାର ଗୁରୁଙ୍କୁ ପ୍ରାର୍ଥନା କରନ୍ତି । ତା'ପରେ ସେମାନେ ଶୃଙ୍ଗାର କାର୍ଯ୍ୟ କରନ୍ତି । ସେମାନଙ୍କର ଏହି ୧୭ ଶୃଙ୍ଗାରରେ କୌପିନ୍, ଭସ୍ମ, ଚନ୍ଦନ, ପାଦରେ ଲୁହା ନଚେତ୍ ରୁପା କଡ଼ା, ଅଣ୍ଟାରେ ଫୁଲମାଳ, ପଞ୍ଚକେଶ, ମଥାରେ ଚାଉଳ, କୁଣ୍ଡଳ, ହାତରେ ଚିମୁଟା, ଡମ୍ବରୁ, କମଣ୍ଡଳୁ, ଜଟା, ତିଳକ, କାଜଲ, ହାତରେ କଡ଼ା, ବିଭୂତି, ବାହୁରେ ରୁଦ୍ରାକ୍ଷ ମାଳା ଆଦି ସାମିଲ ଅଛି । ଏସବୁ କିଛି ଧାରଣ କରିବା ପରେ ହିଁ ସେମାନଙ୍କ ଶୃଙ୍ଗାର ପୂର୍ଣ୍ଣ ହୋଇଥାଏ ।





## ମହାକୁମ୍ଭରେ ଶୃଙ୍ଗାର

ମହିଳାଙ୍କ ୧୬ ଶୃଙ୍ଗାରକୁ ପଛରେ ପକାଇ ନାଗା ସାଧୁମାନେ କରୁଥିବା ୧୭ ଶୃଙ୍ଗାର ମୁଖ୍ୟତଃ କୁମ୍ଭରେ ହିଁ ଦେଖିବାକୁ ମିଳେ । ଶାହୀ ସ୍ନାନ ପରେ ସମସ୍ତ ନାଗା ନିଜ ଆଖଡ଼ାକୁ ଯାଇ ଏହି ଶୃଙ୍ଗାର କରନ୍ତି । ତେବେ କୁମ୍ଭରେ ହିଁ ବହୁ ସଂଖ୍ୟକ ନାଗା ସାଧୁ ବିଭିନ୍ନ ସ୍ଥାନରୁ ଏକତ୍ର ହୋଇଥାନ୍ତି । ସେଥିପାଇଁ ସେମାନେ ଶୃଙ୍ଗାର ସହିତ ଏହି କୁମ୍ଭରେ ସାମିଲ ହୁଅନ୍ତି । ଅବଶ୍ୟ ସେମାନଙ୍କ ଶୃଙ୍ଗାର ହିଁ ସାଧାରଣ ଲୋକଙ୍କ ଦୃଷ୍ଟିଆକର୍ଷଣ କରିଥାଏ ।

## ଜଟିଳ ପ୍ରକ୍ରିୟା

ନାଗା ସାଧୁଙ୍କୁ ମୁଖ୍ୟତଃ ଭସ୍ମ ବା ବିଭୂତିବୋଳା ଶରୀରରେ ଦେଖିବାକୁ ମିଳିଥାଏ । ତେବେ ସେମାନେ ଶରୀରରେ ଭସ୍ମ, ବିଭୂତି ବୋଳି ହେବା ପରେ ଅଧିକ ରହସ୍ୟମୟ ନଜର ଆସନ୍ତି । ସେମାନେ ବୋଳି ହେଉଥିବା ବିଭୂତି ସାମାନ୍ୟ ନୁହେଁ । ତାହା ହେଉଛି ଏକ ସ୍ୱତନ୍ତ୍ର ପ୍ରକାର ବିଭୂତି । ଯାହାକୁ ପ୍ରସ୍ତୁତ କରିବା ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗିଥାଏ । ତେବେ ପୂରା ଶରୀରରେ ସେମାନଙ୍କର ଭସ୍ମ ବୋଳିହେବା ପ୍ରକ୍ରିୟା ପୂରା ହେବାକୁ ୭-୮ ଘଣ୍ଟା ଲାଗିଥାଏ ।







## ଅଖଣ୍ଡ ଧୁନିରୁ ବିଭୂତି

ସେହିପରି ନାଗା ସାଧୁଙ୍କ ସାମ୍ନାରେ ସବୁବେଳେ ପ୍ରଜ୍ୱଳିତ ରହୁଥିବା ଅଖଣ୍ଡ ଧୁନିରୁ ଏହି ସ୍ୱତନ୍ତ୍ର ବିଭୂତିକୁ ପ୍ରସ୍ତୁତ କରାଯାଏ । ସେମାନେ ଏହାକୁ ସିଧାସଳଖ ଧୁନିରୁ ବାହାର କରି ଶରୀରରେ ବୋଳି ହୋଇ ନ ଥାନ୍ତି, ବରଂ ବିଧିପୂର୍ବକ ସେମାନେ ଏହି ବିଭୂତି ତିଆରି କରନ୍ତି । ଏଥିରେ ଅଁଳା, ବେଲ, ମନ୍ଦାର କାଠି ଆଦି ମିଶାଯାଏ । ସେହିପରି ଏହି ବିଭୂତିରେ ଚନ୍ଦନକୁ ମିଶାଯାଇ ତାକୁ ଜଳାଯାଏ । ତା'ପରେ ଏହା ସମ୍ପୂର୍ଣ୍ଣ ଭସ୍ମ ହୋଇଯିବା ପରେ ତା'କୁ ଛାଣି ଅଲଗା କରାଯାଏ । ଏହାପରେ ସେଥିରେ ଗାଈ କ୍ଷୀର ଓ ଚନ୍ଦନ ମିଶାଇ ପୁଣି ଥରେ ଜଳାଯାଏ । ତା'ପରେ ଯାହା ବଳେ ତାକୁ ଛାଣି ଅଲଗା କରାଯାଏ । ପରେ ଏଥିରେ ଗଙ୍ଗାଜଳ ମିଶାଇ ଗଙ୍ଗା ବିଭୂତି କୁହାଯାଉଥିବା ବେଳେ ଅନ୍ୟ ବିଭୂତିକୁ ଦେବ ବିଭୂତି ବୋଲି ସେମାନେ କହିଥାନ୍ତି । ଅନ୍ୟପଟେ ଶୃଙ୍ଗାର ବ୍ୟତୀତ ନାଗା ସାଧୁଙ୍କର ଅନ୍ୟତମ ବିଶେଷତ୍ୱ ହେଉଛି ସେମାନଙ୍କର ସ୍ୱଭାବ । କିଛି ନାଗା ସାଧୁ କୋମଳ ହୃଦୟର ହୋଇଥିବା ବେଳେ ଆଉ କେତେଜଣ କଠୋର ହୃଦୟର ହୋଇଥାନ୍ତି । ତେବେ ମହାକୁମ୍ଭରେ ସାମିଲ ନାଗାଙ୍କ ମନ ଶିଶୁଙ୍କ ଭଳି ନିର୍ମଳ ହୋଇଥାଏ ।

# ନିବସ୍ତ୍ର ନାଗା ବାବା





**ସାଧାରଣତଃ ସାଧୁସନ୍ଥମାନେ ଧଳା, ହଳଦିଆ, ଗେରୁଆ ଆଦି ବସ୍ତ୍ର ପରିଧାନ କରନ୍ତି । ତେବେ ନାଗା ସାଧୁ ବା ନାଗା ବାବାମାନେ କାହିଁକି ବସ୍ତ୍ର ପରିଧାନ କରନ୍ତି ନାହିଁ । ଖରା, ବର୍ଷା, ଶୀତ ସବୁ ଋତୁରେ ନାଗା ସାଧୁମାନେ ଉଲଗ୍ନ ହୋଇରୁହନ୍ତି । ଦେହ ସାରା ଭସ୍ମ ବୋଳି ହୋଇଥାନ୍ତି । ତାକୁ ନେଇ ଅନେକଙ୍କ ମନ ଭିତରେ ଦ୍ୱନ୍ଦ୍ୱ ରହିଥାଇପାରେ । ସେମାନେ ନଗ୍ନ ହୋଇ ସାଧନା କରିବା ପଛରେ କ'ଣ ରହିଛି ଉଦ୍ଦେଶ୍ୟ? ନାଗା ସାଧୁ ନଗ୍ନ ରହିବାର କାରଣ ଓ ନାଗା ସାଧୁଙ୍କ ଜୀବନର କେତେକ ରୋମାଞ୍ଚକର କଥାକୁ ନେଇ ପ୍ରସ୍ତୁତ ଏଇ ବିଶେଷ ରିପୋର୍ଟ ।**

ସନାତନ ଧର୍ମରେ ସାଧୁ-ସନ୍ଥମାନଙ୍କୁ ଈଶ୍ୱର ପ୍ରାପ୍ତିର ମାଧ୍ୟମ ବୋଲି କୁହାଯାଏ । ସାଧାରଣ ମଣିଷଙ୍କଠାରୁ ସାଧୁସନ୍ଥଙ୍କ ବେଶଭୂଷା ଅଲଗା । ସେମାନେ ଭୌତିକ ଜଗତର ସୁଖ, ଭୋଗ, ବିଳାସକୁ ତ୍ୟାଗ କରି ସତ୍ୟ ଏବଂ ଧର୍ମର ମାର୍ଗରେ ପରିଚାଳିତ ହୁଅନ୍ତି । ସାଧୁସନ୍ଥମାନେ ସାଧାରଣତଃ କେତେକ ନିର୍ଦ୍ଦିଷ୍ଟ ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି । ତେବେ ନାଗା ବାବା ବା ନାଗା ସାଧୁମାନେ କେବେହେଲେ ପୋଷାକ ପରିଧାନ କରନ୍ତି ନାହିଁ । ପ୍ରଚଣ୍ଡ ଥଣ୍ଡାରେ ମଧ୍ୟ ସେମାନେ ବିନା ପୋଷାକରେ ରହିଥାନ୍ତି । ସେମାନେ ନିଜକୁ ଭଗବାନଙ୍କ ଦୂତ ବୋଲି ଅଭିହିତ କରିଥାନ୍ତି ।

## ନାଗା ସାଧୁଙ୍କୁ କାହିଁକି ଥଣ୍ଡା ଲାଗେନି



ହାଡ଼ଭଙ୍ଗା ଶୀତରେ ଯେଉଁଠି ଲୋକେ ଥରି ଉଠନ୍ତି, ସେଠାରେ ନାଗା ସାଧୁ ବିନା କପଡ଼ାରେ ରହିଥାନ୍ତି । ବେଳେ ବେଳେ ଅନେକଙ୍କ ମନରେ ପ୍ରଶ୍ନ ଉଠୁଥିବ, ସତରେ କ'ଣ ନାଗା ସାଧୁମାନଙ୍କୁ ଥଣ୍ଡା ଲାଗେନି? ଏହା ପଛରେ କୌଣସି ରହସ୍ୟ ରହିଛି କି? ନାଗା ସାଧୁ ତିନି ପ୍ରକାର ଯୋଗ କରନ୍ତି । ଯାହା ଥଣ୍ଡାରୁ ରକ୍ଷା ପାଇବା ପାଇଁ ସହଯୋଗ କରିଥାଏ । ସେମାନେ ନିଜ ବିଚାରଧାରା ଓ ଖାଇବାପିଇବା ଉପରେ ମଧ୍ୟ ସଂଯମତା ରକ୍ଷା କରନ୍ତି । ଏପରି ମଧ୍ୟ କୁହାଯାଏ ଯେ, ମଣିଷ ନିଜ ଶରୀରକୁ ଯେଭଳି ପରିବେଶରେ ରଖିବାକୁ ଚାହିଁବ, ଧୀରେ ଧୀରେ ସେଭଳି ପରିସ୍ଥିତିରେ ନିଜ ଶରୀରକୁ ଖାପ ଖୁଆଇ ନିଏ । ତେବେ ଏଥିପାଇଁ ଆବଶ୍ୟକ କଠୋର ତପସ୍ୟା ଓ ଅଭ୍ୟାସ । ନାଗା ସାଧୁମାନେ ଅଭ୍ୟାସ ଦ୍ୱାରା ନିଜ ଶରୀରକୁ ଏଭଳି ଭାବେ ତିଆରି କରିନେଇଛନ୍ତି, ଯେତେ ଥଣ୍ଡା ହେଲେ ମଧ୍ୟ ସେଇ ପରିସ୍ଥିତିରେ ସେମାନେ ନିଜକୁ ସହଜ ମନେ କରନ୍ତି ।

## ରୋମାଞ୍ଚକର ଜୀବନ ଶୈଳୀ

ନାଗା ସାଧୁଙ୍କ ଜୀବନ ଶୈଳୀ ବେଶ୍ ରୋମାଞ୍ଚକର । ସେମାନଙ୍କ ଜୀବନ ପ୍ରତି ମୁହୂର୍ତ୍ତରେ କଷ୍ଟକର । ବହୁ ପରୀକ୍ଷା ଦେବା ପରେ ସେମାନେ ନାଗା ହେବା ପାଇଁ ଯୋଗ୍ୟବିବେଚିତ ହୋଇଥାନ୍ତି । ସେମାନେ କୌଣସି ବିଶେଷ ସ୍ଥାନରେ ଘର ତିଆରି କରି ରହିନଥାନ୍ତି । କୁଟୀର ତିଆରି କରି ଜୀବନଧାରଣ କରନ୍ତି । ଶୋଇବା ପାଇଁ କୌଣସି ଖଟ ବ୍ୟବହାର କରନ୍ତି ନାହିଁ । କେବଳ ଭୂଇଁ ଉପରେ ଶୋଇ ପଡ଼ନ୍ତି । ନାଗା ସାଧୁ ଗୋଟିଏ ଦିନରେ ୭ଟି ଘରେ ଭିକ୍ଷା ମାଗିଥାନ୍ତି । ଯଦି ସେହି ଘରଗୁଡ଼ିକରେ ସେ ଭିକ୍ଷା ନପାଆନ୍ତି ପୂରା ଦିନ ଭୋକରେ ରହିବାକୁ ପଡ଼ିଥାଏ । ସେମାନେ ଦିନକୁ ଥରେମାତ୍ର ଭୋଜନ କରନ୍ତି । ନାଗା ସାଧୁମାନେ ହିନ୍ଦୁ ଧର୍ମାବଲମ୍ବୀ ସାଧୁ । ସର୍ବଦା ଉଲଗ୍ନ ଅବସ୍ଥାରେ ରହୁଥିବା ଏହି ସାଧୁମାନେ ରଣ କଳାରେ ବେଶ୍ ପାରଙ୍ଗମ । ବିଭିନ୍ନ ଆଖଡ଼ାରେ ସେମାନେ ରହିଥାନ୍ତି । ତେବେ ଜୁନା ଆଖଡ଼ାରେ ଅଧିକ ନାଗା ସାଧୁ ରହିଥାନ୍ତି । ନାଗା ସାଧୁମାନେ ଆଖଡ଼ାରେ ରହିବାର ପରମ୍ପରା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ■



## କାହିଁକି ବସ୍ତ୍ର ପରିଧାନ କରନ୍ତିନି ନାଗା ସାଧୁ

ନାଗା ସାଧୁମାନେ ପ୍ରକୃତି ଓ ପ୍ରାକୃତିକ ଅବସ୍ଥାକୁ ଅଧିକ ଗୁରୁତ୍ୱ ଦିଅନ୍ତି । ସେଥିପାଇଁ ସେମାନେ ବସ୍ତ୍ର ପରିଧାନ କରନ୍ତି ନାହିଁ । ନାଗା ସାଧୁଙ୍କ ମତରେ ମଣିଷ ନିବସ୍ତ୍ର ହୋଇ ଜନ୍ମ ହୋଇଥାଏ । ଅର୍ଥାତ୍ ଏହି ଅବସ୍ଥା ପ୍ରାକୃତିକ ଅଟେ । ଏହି ଭାବନାକୁ ନିଜେ ସ୍ୱୀକାର କରିବା ପାଇଁ ନାଗା ସାଧୁ ନିବସ୍ତ୍ର ରୁହନ୍ତି । ସେମାନେ ବାହ୍ୟ ଜିନିଷକୁ ଆଡ଼ମ୍ବର ବୋଲି ମାନିଥାନ୍ତି । କେବଳ ନଗ୍ନ ଅବସ୍ଥାରେ ହିଁ ନୁହେଁ, ଶରୀରରେ ଭସ୍ମ ପ୍ରଲେପନ ଓ ଜଟା ଧାରଣ ନାଗା ସାଧୁଙ୍କ ପରିଚୟ ।





# କୁମ୍ଭ ମେଳାରେ ନାଗା ସନ୍ନ୍ୟାସୀ



କୁମ୍ଭ ମେଳାରେ ଶ୍ରଦ୍ଧାଳୁଙ୍କ ଉତ୍କଣ୍ଠା ଓ ଆକର୍ଷଣର କେନ୍ଦ୍ର ହେଉଛନ୍ତି ନାଗା ସନ୍ନ୍ୟାସୀ । ଏହି ସାଧୁମାନଙ୍କୁ ନେଇ ବିଶେଷକରି ବିଦେଶୀ ପର୍ଯ୍ୟଟକଙ୍କ ମନରେ ଅଧିକ ଉତ୍କଣ୍ଠା ରହିଥାଏ । କେବଳ ଶାହୀ ସ୍ନାନ ସମୟରେ ନାଗା ସାଧୁମାନେ ଶ୍ରଦ୍ଧାଳୁଙ୍କ ସମ୍ମୁଖକୁ ଆସିଥାନ୍ତି । ଏପରିକି ଗଣମାଧ୍ୟମଠାରୁ ମଧ୍ୟ ସେମାନେ ଦୂରେଇ ରହିବା ପାଇଁ ଚାହାନ୍ତି । ନାଗା ସାଧୁଙ୍କ ଜୀବନ କଠୋର ଓ ରହସ୍ୟମୟ । ତେବେ କୁମ୍ଭ ମେଳା ସହିତ ନାଗା ସାଧୁଙ୍କ କ'ଣ ସଂପର୍କ ରହିଛି, ତାକୁ ନେଇ ଏଇ ସ୍ୱତନ୍ତ୍ର ରିପୋର୍ଟ ।

## ନାଗା ସାଧୁ ଓ କୁମ୍ଭ ମେଳା

କୁମ୍ଭ ମେଳା ସହିତ ନାଗା ସାଧୁ ବା ନାଗା ବାବାଙ୍କ ନିବିଡ଼ ସଂପର୍କ ରହିଛି । ପ୍ରୟାଗରାଜ କୁମ୍ଭ ମେଳାକୁ ଦେଶବିଦେଶର କୋଟି କୋଟି ଶ୍ରଦ୍ଧାଳୁ ପବିତ୍ର ଗଙ୍ଗାରେ ବୁଡ଼ ପକାଇବାକୁ ଆସନ୍ତି । ବହୁ ସଂଖ୍ୟାରେ ସାଧୁସନ୍ଥଙ୍କ ସମାଗମ ହୋଇଥାଏ । ତେବେ କୁମ୍ଭ ମେଳାର ମୁଖ୍ୟ ଆକର୍ଷଣ ହେଉଛନ୍ତି ନାଗା ବାବା । କୁମ୍ଭ ମେଳାରେ ନାଗା ସନ୍ନ୍ୟାସୀମାନେ ଶାହୀ ସ୍ନାନ କରିବା ପରେ ଅନ୍ୟମାନେ ଗଙ୍ଗାରେ ବୁଡ଼ ପକାଇଥାନ୍ତି । ତେଣୁ ଦେଶର ବିଭିନ୍ନ କୋଣଅନୁକୋଣରୁ ନାଗା ବାବାଙ୍କ ସମାଗମ ହୋଇଥାଏ କୁମ୍ଭ ମେଳାରେ । ବିଭିନ୍ନ ଆଖଡ଼ାରେ ନାଗା ସନ୍ନ୍ୟାସୀଙ୍କ ଉପସ୍ଥିତି କୁମ୍ଭ ମେଳାକୁ ଆହୁରି ଚଳଚଞ୍ଚଳ କରିଦିଏ ।

## କୁମ୍ଭ ମେଳା ଅନୁସାରେ ନାମକରଣ

ନାଗା ସନ୍ନ୍ୟାସୀ କେବଳ କୁମ୍ଭ ମେଳା ସମୟରେ ହିଁ ଦୀକ୍ଷା ଗ୍ରହଣ କରିଥାନ୍ତି । ତେବେ ଯେଉଁ ସ୍ଥାନରେ ସେମାନେ ନାଗା ହୋଇଥାନ୍ତି, ସେଇ ଅନୁସାରେ ତାଙ୍କ ନାମକରଣ କାରାଯାଇଥାଏ । ଯଥା ପ୍ରୟାଗରେ ନାଗା ହେଉଥିବା ସନ୍ନ୍ୟାସୀମାନଙ୍କୁ ରାଜ ରାଜେଶ୍ୱରୀ, ହରିଦ୍ୱାରରେ ନାଗା ହେଉଥିବା ବାବାଙ୍କୁ ବର୍ଫାନୀ, ଓଜ୍ଜୈନରେ ନାଗା ଦୀକ୍ଷା ନେଉଥିବା ବାବାଙ୍କୁ ଖୁନୀ ଏବଂ ନାସିକରେ ନାଗା ଧାରଣ କରୁଥିବା ସାଧୁଙ୍କ ଖିଚଡ଼ିଆ ନାମକରଣ କରାଯାଇଥାଏ । ଏହି ନାମ ଅନୁସାରେ ଆଖଡ଼ାରେ ସେମାନଙ୍କୁ ଡକା ଯାଇଥାଏ ।



## ଶାହୀ ସ୍ନାନରେ ନାଗା ବାବା

ଶତାବ୍ଦୀ ଶତାବ୍ଦୀ ଶାହୀ ସ୍ନାନ ପ୍ରଚଳିତ ହୋଇଆସୁଛି । ଏହି ସ୍ନାନ ସମୟରେ ୧୩ଟି ଆଖଡ଼ା ସାମିଲ ହୋଇଥାଏ । ଏଥିପାଇଁ କୌଣସି ବୈଦିକ ପରମ୍ପରା ନାହିଁ । ୧୪ ଶହରୁ ୧୬ଶହ ଶତାବ୍ଦୀ ମଧ୍ୟରେ କୁମ୍ଭ ମେଳାରେ ଶାହୀ ସ୍ନାନ କରିବାର ପରମ୍ପରା ଆରମ୍ଭ ହୋଇଥିବା ଜଣାଯାଏ । ସେତେବେଳେ ଦେଶର ମୋଗଲ ଶାସକ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ । ମୋଗଲ ଆକ୍ରମଣରୁ ଧର୍ମ ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ହିନ୍ଦୁ ଶାସକମାନେ ଆଖଡ଼ାରେ ସାଧୁମାନଙ୍କୁ ବିଶେଷ କରି ନାଗା ସାଧୁମାନଙ୍କ ସହଯୋଗ ନେଉଥିଲେ । ଧୀରେ ଧୀରେ ନାଗା ସାଧୁମାନେ ଆକ୍ରମଣାତ୍ମକ ହେବାକୁ ଲାଗିଲେ । ରାଷ୍ଟ୍ର ଉପରେ ଧର୍ମକୁ ଦେଖିବାକୁ ଲାଗିଲେ । ଶାସକମାନେ ନାଗା ସାଧୁଙ୍କୁ ପ୍ରତିନିଧି ମଣ୍ଡଳ ସହିତ ବୈଠକ କରି ରାଷ୍ଟ୍ର ପ୍ରତି କର୍ତ୍ତବ୍ୟ ସଂପର୍କରେ ସଚେତନ କରାଇଲେ । ଫଳରେ ସାଧୁମାନେ ଖୁସି ଅନୁଭବ କଲେ । ତେଣୁ କୁମ୍ଭ ମେଳାରେ ପ୍ରଥମ ସ୍ନାନ କରିବାର ଅଧିକାର ସାଧୁମାନଙ୍କୁ ମିଳିବାର ବ୍ୟବସ୍ଥା କରାଗଲା ।

## ଶାହୀ ସ୍ନାନ

କୁମ୍ଭ ମେଳାର ପ୍ରଥମ ଦିନ ଶାହୀ ସ୍ନାନ ହୋଇଥାଏ । ଏହି ସ୍ନାନ ଅନେକ ମହତ୍ତ୍ୱ ରଖିଥାଏ । ଏହି ସ୍ନାନ ଦ୍ୱାରା ସିଧା ସ୍ୱର୍ଗ ପ୍ରାପ୍ତିର ଦ୍ୱାର ଖୋଲି ଯାଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଶାହୀ ସ୍ନାନର ବେଶ୍ ଗୁରୁତ୍ୱପୂର୍ଣ୍ଣ । ନିୟମ ଅନୁଯାୟୀ ସମସ୍ତ ଆଖଡ଼ାର ସାଧୁସନ୍ଥ ସଙ୍ଗମରେ ଶାହୀ ସ୍ନାନ କରିଥାନ୍ତି । ଶାନ୍ତିଶୃଙ୍ଖଳାର ସହିତ ସ୍ନାନ ସମାପନ ପାଇଁ ଆଖଡ଼ାର କ୍ରମ ଅନୁସାରେ ସ୍ନାନ ନିମନ୍ତେ ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଥାଏ । ନଚେତ୍ ସାଧୁମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେବାର ସମ୍ଭାବନା ଥାଏ । କୁମ୍ଭ ମେଳା ଅବସରରେ ଶାହୀ ସ୍ନାନ ଭୋର୍ ୪ଟାରୁ ଆରମ୍ଭ ହୋଇଥାଏ । ପ୍ରଥମେ ଆଖଡ଼ାରେ ସାଧୁସନ୍ଥମାନେ ଏକତ୍ର ହୋଇଥାନ୍ତି । ହାତରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇଥାନ୍ତି । ଶରୀରରେ ଭସ୍ମ ଲେପନ କରିଥାନ୍ତି । ନାଗା ବାବାଙ୍କ ଧ୍ୱନିରେ ପ୍ରକମ୍ପିତ ହୋଇଉଠୁଥାଏ ଚାରିଦିଗ । ଏହି ସମୟରେ ସାଧୁମାନେ ଅଳ୍ପ କପଡ଼ା ବା ନିବସ୍ତ୍ର ହୋଇ ବୁଡ଼ ପକାଇଥାନ୍ତି । ଏହାପରେ ସାଧାରଣ ଜନତାଙ୍କୁ ସ୍ନାନ ପାଇଁ ଅନୁମତି ମିଳିଥାଏ ।

## କୁମ୍ଭ ମେଳାରେ ନାଗା ବାବାଙ୍କ ଦର୍ଶନ

ପ୍ରତ୍ୟେକ କୁମ୍ଭ ମେଳା ସମୟରେ ଶ୍ରଦ୍ଧାଳୁମାନେ ନାଗା ସନ୍ନ୍ୟାସୀମାନଙ୍କ ଦର୍ଶନ ଲାଭ କରିଥାନ୍ତି । ଦିଗମ୍ବର ଓ ଶ୍ରୀ ଦିଗମ୍ବର ନାଗାମାନଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଉତ୍ସୁକତାର ସହିତ କୁମ୍ଭ ମେଳାକୁ ଅପେକ୍ଷା କରିଥାନ୍ତି । କୁମ୍ଭ ମେଳା ପରେ ନାଗା ସାଧୁମାନେ କଠୋର ତପସ୍ୟା ପାଇଁ ଦୁର୍ଗମ ଅଞ୍ଚଳକୁ ଫେରି ଯାଇଥାନ୍ତି । କୁମ୍ଭ ନଗରୀ ହରିଦ୍ୱାରରେ ନାଗା ସନ୍ନ୍ୟାସୀମାନଙ୍କୁ ଦେଖିବା ମତ୍ରେ ଅନେକ ଶ୍ରଦ୍ଧାଳୁ ରାସ୍ତା ଉପରେ ସାଷ୍ଟାଙ୍ଗ ପ୍ରଣିପାତ ହେଉଥିବା ଦେଖିବାକୁ ମିଳିଥାଏ ।



ଆଖଡ଼ା କହିଲେ ସାଧାରଣତଃ ବୁଝାଏ, ପହିଲମାନମାନେ ଯେଉଁଠି କସରତ କରନ୍ତି । କାଳର କରାଳରେ ଅନେକ ଆଖଡ଼ା ଏବେ ଲୋପ ପାଇଗଲାଣି । ଆଦିଗୁରୁ ଶଙ୍କରାଚାର୍ଯ୍ୟ ଆଖଡ଼ା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇଥିଲେ । ମଠ, ମନ୍ଦିର ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଦରକାର ପଡ଼ିଲେ ଶକ୍ତି ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ଫଳରେ ବାହ୍ୟ ଆକ୍ରମଣ ସମୟରେ ଏହି ଆଖଡ଼ା ସୁରକ୍ଷା କବଚ ଭାବେ କାମ କରିଥିଲା । ଅନେକ ଥର ସ୍ଥାନୀୟ ରାଜା-ମହାରାଜା ବିଦେଶୀ ଆକ୍ରମଣ ସମୟରେ ନାଗା ଯୋଦ୍ଧାଙ୍କ ସହଯୋଗ ନେଇଥିଲେ । କେତେକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ୪୦ ହଜାରରୁ ଅଧିକ ନାଗା ଯୋଦ୍ଧା ସାମିଲ ହୋଇଥିବା ଇତିହାସରୁ ଜଣାଯାଏ । ଭାରତ ସ୍ୱାଧୀନତା ଲାଭ କଲା ପରେ ଏହି ସବୁ ଆଖଡ଼ାର ସୈନ୍ୟମାନେ ଅସ୍ତ୍ର ତ୍ୟାଗ କରିଥିଲେ । ତେବେ ଭାରତୀୟ ସଂସ୍କୃତି, ଦର୍ଶନ,ସନାତନ ଧର୍ମ ସଂପର୍କରେ ଅଧ୍ୟୟନ ଓ ଅନୁପାଳନ କରି ଏକ ସଂଯମତାପୂର୍ଣ୍ଣ ଜୀବନ ବଞ୍ଚିବା ଏହି ଆଖଡ଼ାର ମୁଖ୍ୟ ଉଦ୍ଦେଶ୍ୟରେ ପରିଣତ ହେଲା । ବର୍ତ୍ତମାନ ପ୍ରାୟ ୧୪ଟି ପ୍ରମୁଖ ଆଖଡ଼ା ରହିଛି । ନାଗା ସନ୍ନ୍ୟାସୀଙ୍କ କେତେକ ପ୍ରମୁଖ ଆଖଡ଼ାକୁ ନେଇ ଏକ ସ୍ୱତନ୍ତ୍ର ପ୍ରତିବେଦନ ।

# ନାଗା ସନ୍ନ୍ୟାସୀଙ୍କ ଆଖଡ଼ା

ନାଗା ସନ୍ନ୍ୟାସୀଙ୍କ ପାଇଁ ଆଖଡ଼ା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ନାଗାଙ୍କ ପାଇଁ ରହିଛି ଅନେକ ଆଖଡ଼ା । ଆଖଡ଼ାରେ ନାଗା ସାଧୁ ରହିବା ପରମ୍ପରା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଭାରତର ବିଭିନ୍ନ ଅଞ୍ଚଳରେ ନାଗା ସାଧୁଙ୍କ ପାଇଁ ସ୍ଥାପିତ ହୋଇଛି କେତେକ ଆଖଡ଼ା । ଏହି ସବୁ ଆଖଡ଼ାଗୁଡ଼ିକରେ ସାଧୁ, ମହନ୍ତ, ମହାମଣ୍ଡଳେଶ୍ୱର ପ୍ରମୁଖ ସନ୍ଥମାନେ ରହିଥାନ୍ତି । ପ୍ରତି ଆଖାଡ଼ାର କେତେକ ଶାଖା ମଧ୍ୟ ରହିଛି । ସବୁଠାରୁ ଅଧିକ ନାଗା ବାବା ଜୁନା ଆଖଡ଼ାରେ ଥାଆନ୍ତି । ଆଖଡ଼ା ପରମ୍ପରାର ବେଶ୍ ଗୁରୁତ୍ୱ ରହିଛି । କାରଣ ଆଖଡ଼ା ଅନୁସାରେ ନାଗା ଦୀକ୍ଷା ଗ୍ରହଣଠାରୁ ଆରମ୍ଭ କରି ଶାହୀ ସ୍ନାନ କରିବା ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ଜୀବନ ଅତିବାହିତ କରିବାର ବିଧି ପ୍ରଚଳିତ ।

ତେବେ ଏହି ସବୁ ପଛରେ ନାଗାଙ୍କ ମହତ୍ ଉଦ୍ଦେଶ୍ୟ ହେଉଛି ଗୁରୁଙ୍କ ସେବା କରିବା, ଆଶ୍ରମର କାର୍ଯ୍ୟ କରିବା, ପ୍ରାର୍ଥନା, ତପସ୍ୟା ଓ ଯୋଗ କରିବା । ଅତୀତରେ ସୁରକ୍ଷା କବଚ ଭାବେ ଆଖଡ଼ା କାର୍ଯ୍ୟ କରୁଥିଲା । ଆଖଡ଼ାରେ ଗଦା ଓ ଖଣ୍ଡା ଚାଳନା ଆଦି ପ୍ରଦର୍ଶନ କରାଯାଉଥିଲା । ଯେଉଁ ସାଧୁ ଖଣ୍ଡା ଓ ଅନ୍ୟ ଅସ୍ତ୍ର ଚାଳନା କରିପାରୁନଥିଲେ, ସେମାନଙ୍କୁ ଅସ୍ତ୍ର ଚାଳନା ଶିକ୍ଷା ଦିଆଯାଉଥିଲା ।

## କୁମ୍ଭ ମେଳା ଓ ଆଖଡ଼ାର ସଂପର୍କ



ବୌଦ୍ଧ ଧର୍ମରେ ଭିକ୍ଷୁ ଯେଉଁଠି ଏକତ୍ର ହୋଇ ରୁହନ୍ତି, ତାକୁ ମଠ କୁହାଯାଏ । ଠିକ୍ ସେହିପରି ଆଖାଡ଼ାକୁ ସାଧୁମାନଙ୍କ ମଠ କୁହାଯାଏ । ପ୍ରଥମେ ୪ଟି ଆଖଡ଼ା ଥିଲା, ପରେ ସାଧୁମାନଙ୍କ ଭିତରେ ମତ ପାର୍ଥକ୍ୟ ଓ ବିଚାରଭେଦ ଯୋଗୁଁ ସମାନ ଚିନ୍ତାଧାରାର ସାଧୁଙ୍କୁ ନେଇ ଅଲଗା ଅଲଗା ଆଖଡ଼ା ପ୍ରତିଷ୍ଠା କରାଗଲା । ଏପରି ଭାବେ ଆଖଡ଼ା ସଂଖ୍ୟା ୧୩କୁ ବୃଦ୍ଧି ପାଇଲା । ବର୍ତ୍ତମାନ ଏହି ଆଖଡ଼ା ସଂଖ୍ୟା ଆଉ ଗୋଟିଏ ବଢ଼ିଛି । ୨୦୧୯ ମସିହାରେ ପ୍ରୟାଗରାଜରେ ଆୟୋଜିତ କୁମ୍ଭ ମେଳାରେ କିନ୍ନର ଆଖଡ଼ାକୁ ମଧ୍ୟ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରି ସାମିଲ କରାଯାଇଥିଲା । କୁମ୍ଭ ମେଳାରେ ସାଧୁସନ୍ଥ ସହିତ କିନ୍ନରମାନଙ୍କୁ ମଧ୍ୟ ବହୁ ସଂଖ୍ୟାରେ ଦେଖିବାକୁ ମିଳେ । ପବିତ୍ର ଗଙ୍ଗାରେ ଶାହୀ ସ୍ନାନକୁ ଶୁଭ ଓ ପୁଣ୍ୟ ବୋଲି ବିଶ୍ୱାସ କରାଯାଏ । ତେଣୁ କୁମ୍ଭ ମେଳା ସମୟରେ ଶାହୀ ସ୍ନାନ ପାଇଁ ସାଧୁସନ୍ଥଙ୍କ ଭିଡ଼ ଜମିଥାଏ । ବିଶେଷ କରି ନାଗା ସାଧୁମାନଙ୍କ ଉପସ୍ଥିତ କୁମ୍ଭ ମେଳାର ଗୁରୁତ୍ୱ ଅଧିକ ବୃଦ୍ଧି କରିଥାଏ । ରାଜକୀୟ ଶବାରି, ହାତୀ-ଘୋଡ଼ାରେ ସାଜସଜ୍ଜା, ଘଣ୍ଟନାଦରେ ନାଗା ଆଖଡ଼ାର ସାଧୁମାନେ ଶୋଭାଯାତ୍ରାରେ ବାହାରିଥାନ୍ତି ।





## ଶ୍ରୀ ନିରଞ୍ଜନ ଆଖଡ଼ା

୮୨୬ ଖ୍ରୀଷ୍ଟାବ୍ଦରେ ଗୁଜରାଟର ମାଣ୍ଡବୀରେ ଶ୍ରୀ ନିରଞ୍ଜନ ଆଖଡ଼ା ସ୍ଥାପିତ ହୋଇଥିଲା । ଏହି ଆଖଡ଼ାର ଇଷ୍ଟ ଦେବତା ହେଉଛନ୍ତି ଭଗବାନ ଶଙ୍କରଙ୍କ ପୁତ୍ର କାର୍ତ୍ତିକ ସ୍ୱାମୀ । ଏଥିରେ ଦିଗମ୍ବର, ସାଧୁ, ମହନ୍ତ ଏବଂ ମହାମଣ୍ଡଳେଶ୍ୱର ଥାଆନ୍ତି । ଆହ୍ଲାବାଦ, ଉଜ୍ଜୈନ, ହରିଦ୍ୱାର, ତ୍ରୟମ୍ବକେଶ୍ୱର ଓ ଉଦୟପୁରରେ ଏହାର ଶାଖା ରହିଛି ।

## ଜୁନା ଆଖଡ଼ା

୧୧୪୫ ମସିହରେ ଉତ୍ତରାଖଣ୍ଡର କର୍ଣ୍ଣପ୍ରୟାଗରେ ଶ୍ରୀ ଜୁନାଦତ୍ତ ବା ଜୁନା ଆଖଡ଼ା ସ୍ଥାପିତ ହୋଇଥିଲା । ଏହାକୁ ଭୈରବ ଆଖଡ଼ା ମଧ୍ୟ କୁହାଯାଏ । ଏହି ଆଖଡ଼ାର ଇଷ୍ଟ ଦେବତା ହେଉଛନ୍ତି ରୁଦ୍ରାବତାର ଦତ୍ତାତ୍ରେୟ । ବାରାଣସୀର ହନୁମାନ ଘାଟକୁ ଏହାର କେନ୍ଦ୍ର ବୋଲି କୁହାଯାଏ । ହରିଦ୍ୱାରର ମାୟାଦେବୀ ମନ୍ଦିର ପାଖରେ ଏହାର ଆଶ୍ରମ ରହିଛି । ଏହି ଆଖଡ଼ାର ନାଗା ସାଧୁମାନେ ଯେତେବେଳେ ଶୋଭାଯାତ୍ରାରେ ଶାହୀ ସ୍ନାନ ପାଇଁ ସଂଗମ ସ୍ଥଳକୁ ବାହାରନ୍ତି, ସେତେବେଳର ଦୃଶ୍ୟ ଦେଖିବାକୁ ଶ୍ରଦ୍ଧାଳୁ ଓ ସାରା ଦୁନିଆ ଲୋକେ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାନ୍ତି ।

## ଶ୍ରୀ ମହାନିର୍ବାଣ ଆଖଡ଼ା

୬୭୧ ଖ୍ରୀଷ୍ଟାବ୍ଦରେ ଶ୍ରୀ ମହାନିର୍ବାଣ ଆଖଡ଼ା ସ୍ଥାପିତ ହୋଇଥିଲା । ବିହାର-ଝାରଖଣ୍ଡର ବୈଜନାଥ ଧାମରେ ଏହା ସ୍ଥାପିତ ହୋଇଥିବା କେତେକ ମତ ଦିଅନ୍ତି । ଆଉ କେତେକ ହରିଦ୍ୱାରର ନୀଳ ଧାରା ପାଖରେ ଏହାର ଜନ୍ମସ୍ଥଳ ବୋଲି କୁହନ୍ତି । ଏହି ଆଖଡ଼ାର ଇଷ୍ଟ ଦେବ ହେଉଛନ୍ତି କପିଳ ମୁନି । ଆହ୍ଲାବାଦ, ହରିଦ୍ୱାର, ଉଜ୍ଜୈନ, ତ୍ରୟମ୍ବକେଶ୍ୱର, ଓଁକାରେଶ୍ୱର ଓ କନଖଲରେ ଏହାର ଶାଖା ରହିଛି । ୧୨୬୦ ମସିହାରେ ମହନ୍ତ ଭଗବାନନ୍ଦ ଗିରିଙ୍କ ନେତୃତ୍ୱରେ ୨୨ ହଜାର ନାଗା ସାଧୁ କନଖଲସ୍ଥିତ ମନ୍ଦିରକୁ ଆକ୍ରମଣକାରୀଙ୍କ କବଳରୁ ରକ୍ଷା କରିଥିଲେ ।

## ଶ୍ରୀ ଅଟଳ ଆଖଡ଼ା

୫୬୯ ଖ୍ରୀଷ୍ଟାବ୍ଦରେ ଶ୍ରୀ ଅଟଳ ଆଖଡ଼ା ଗୋଡ଼ୱାନା ଅଞ୍ଚଳରେ ସ୍ଥାପିତ ହୋଇଥିଲା । ଏହି ଆଖଡ଼ାର ଇଷ୍ଟ ଦେବ ହେଉଛନ୍ତି ଭଗବାନ ଗଣେଶ । ପ୍ରାଚୀନ ଆଖଡ଼ା ମଧ୍ୟରୁ ଏହା ଅନ୍ୟତମ । ଏହାର ମୁଖ୍ୟ ପୀଠ ପାଟନାରେ ଅବସ୍ଥିତ । ତେବେ ଏହାର ଶାଖା କନଖଲ, ହରିଦ୍ୱାର, ଆହ୍ଲାବାଦ, ଉଜ୍ଜୈନ ଓ ତ୍ରୟମ୍ବକେଶ୍ୱରରେ ମଧ୍ୟ ରହିଛି ।

## ଶ୍ରୀ ଆହ୍ୱାନ ଆଖଡ଼ା

୬୪୬ ଖ୍ରୀଷ୍ଟାବ୍ଦରେ ଶ୍ରୀ ଆହ୍ୱାନ ଆଖଡ଼ା ସ୍ଥାପିତ ହୋଇଥିଲା । ତେବେ ୧୬୦୩ ମସିହାରେ ଏହି ଆଖଡ଼ା ପୁନଃପ୍ରତିଷ୍ଠିତ କରାଯାଇଥିଲା । ଶ୍ରୀ ଆହ୍ୱାନ ଆଖଡ଼ାର ଇଷ୍ଟ ଦେବତା ହେଉଛନ୍ତି ଦତ୍ତାତ୍ରେୟ ଏବଂ



ଶ୍ରୀ ଗଜାନନ । ଏହାର କେନ୍ଦ୍ରସ୍ଥଳୀ କାଶୀରେ ରହିଛି । ଶ୍ରୀ ଆହ୍ୱାନ ଆଖଡ଼ାର ଆଶ୍ରମ ଋଷିକେଶରେ ମଧ୍ୟ ରହିଛି । ସ୍ୱାମୀ ଅନୁପ ଗିରି ଏବଂ ଓମ୍‌ରାଓ ଗିରି ହେଉଛନ୍ତି ଏହି ଆଖଡ଼ାର ପ୍ରମୁଖ ସନ୍ଥ ।

## ଶ୍ରୀ ଆନନ୍ଦ ଆଖଡ଼ା

୮୫୫ ଖ୍ରୀଷ୍ଟାବ୍ଦରେ ମଧ୍ୟପ୍ରଦେଶର ବେରାର ଶ୍ରୀ ଆନନ୍ଦ ଆଖଡ଼ା ସ୍ଥାପିତ ହୋଇଥିଲା । ଏହାର କେନ୍ଦ୍ର ହେଉଛି ବାରାଣସୀ । ଆହ୍ଲାବାଦ, ହରିଦ୍ୱାର, ଉଜ୍ଜୈନରେ ଏହାର ଶାଖାଗୁଡ଼ିକ ରହିଛି ।

## ଶ୍ରୀ ପଞ୍ଚାଗ୍ନି ଆଖଡ଼ା

୧୧୩୬ ମସିହାରେ ଶ୍ରୀ ପଞ୍ଚାଗ୍ନି ଆଖଡ଼ା ସ୍ଥାପିତ ହୋଇଥିଲା । ଏହାର ଇଷ୍ଟ ଦେବୀ ଗାୟତ୍ରୀ ଏବଂ ଏହାର ମୁଖ୍ୟକେନ୍ଦ୍ର କାଶୀରେ ରହିଛି । ଏହାର ସଦସ୍ୟ ମଧ୍ୟରୁ ଚାରୋଟି ପୀଠର ଶଙ୍କରାଚାର୍ଯ୍ୟ, ବ୍ରହ୍ମଚାରୀ, ସାଧୁ ଓ ମହାମଣ୍ଡଳେଶ୍ୱର ସାମିଲ ଅଛନ୍ତି । ପରମ୍ପରା ଅନୁସାରେ ଆହ୍ଲାବାଦ, ହରିଦ୍ୱାର, ଉଜ୍ଜୈନ ଓ ତ୍ରୟମ୍ବକେଶ୍ୱରରେ ଏହାର ଶାଖା ରହିଛି ।

## ଶ୍ରୀ ନାଗପନ୍ଥୀ ଗୋରଖନାଥ ଆଖଡ଼ା

୮୬୬ ଖ୍ରୀଷ୍ଟାବ୍ଦରେ ଶ୍ରୀ ନାଗପନ୍ଥୀ ଗୋରଖନାଥ ଆଖଡ଼ା ଅହିଲ୍ୟା-ଗୋଦାବରୀ ସଙ୍ଗମରେ ସ୍ଥାପିତ ହୋଇଥିଲା । ଏହାର ସଂସ୍ଥାପକ ହେଉଛନ୍ତି ପୀର ଶିବନାଥଜୀ । ଏହି ଆଖଡ଼ାର ମୁଖ୍ୟ ଦେବତା ଗୋରଖନାଥ । ଏହି ସଂପ୍ରଦାୟର ଯୋଗୀ କୌଳ ନାମରେ ପ୍ରସିଦ୍ଧ । ତ୍ରୟମ୍ବକେଶ୍ୱରରେ ଏହାର ଏକ ଶାଖା ରହିଛି ।

## ଶ୍ରୀ ବୈଷ୍ଣବ ଆଖଡ଼ା

୧୫୯୫ ମସିହାରେ ଦାରାଗଞ୍ଜର ମଧ୍ୟମୁରାରୀରେ ସ୍ଥାପିତ ହୋଇଥିଲା । ସମୟକ୍ରମେ ନିର୍ମୋହୀ, ନିର୍ବାଣୀ, ଖାକୀ ଆଦି ତିନି ସଂପ୍ରଦାୟ ହୋଇଥିଲା । ଏହି ଆଖଡ଼ା ତ୍ରୟମ୍ବକେଶ୍ୱରରେ ମାରୁତି ମନ୍ଦିର ପାଖରେ ରହିଛି । ୧୮୪୮ ମସିହା ପର୍ଯ୍ୟନ୍ତ ଶାହୀ ସ୍ନାନ ତ୍ରୟମ୍ବକେଶ୍ୱରରେ ହେଉଥିଲା, ପରବର୍ତ୍ତୀ ସମୟରେ ଶୈବ ଓ ବୈଷ୍ଣବ ସାଧୁମାନଙ୍କ ମଧ୍ୟରେ ସ୍ନାନକୁ ନେଇ ବିବାଦ ଉଠିଥିଲା । ତେବେ ଶ୍ରୀମନ୍ତ ପେଶବାଜୀ ଏହି ସମସ୍ୟାର ସମାଧାନ କରିଥିଲେ । ୧୯୩୨ ମସିହାରୁ ନାସିକରେ ଏହି ଆଖଡ଼ାର ସାଧୁମାନେ ସ୍ନାନ କରିବାକୁ ଲାଗିଲେ । ଏବେ ବି ନାସିକରେ ସ୍ନାନ କରାଯାଉଛି ।

## ଶ୍ରୀ ଉଦାସିନୀ ପଞ୍ଚାୟତି ବଡ଼ା ଆଖଡ଼ା

ଶ୍ରୀ ଉଦାସିନୀ ପଞ୍ଚାୟତି ବଡ଼ା ଆଖଡ଼ାର ସଂସ୍ଥାପକ ହେଉଛନ୍ତି ଶ୍ରୀ ଚନ୍ଦ୍ର ଆଚାର୍ଯ୍ୟ ଉଦାସୀନ । ତେବେ ଏହି ଆଖଡ଼ାରେ ସାଂପ୍ରଦାୟିକ ଭେଦଭାବ ଥିଲା । ଉଦାସୀନ ସାଧୁ, ମହନ୍ତ ଏବଂ ମହାମଣ୍ଡଳେଶ୍ୱରଙ୍କ ସଂଖ୍ୟା ଅଧିକ ଥିଲା । ଏହାର ଶାଖା ପ୍ରୟାଗ, ହରିଦ୍ୱାର, ଉଜ୍ଜୈନ, ତ୍ରୟମ୍ବକେଶ୍ୱର, ଭଦୈନୀ, କନଖଲ, ସାହେବଗଞ୍ଜ, ମୁଲତାନ, ନେପାଳ ଓ ଚେନ୍ନାଇରେ ରହିଛି ।

## ଶ୍ରୀ ଉଦାସୀନ ନୂଆ ଆଖଡ଼ା

୧୭୧୦ ମସିହାରେ ଶ୍ରୀ ଉଦାସୀନ ନୂଆ ଆଖଡ଼ା ସ୍ଥାପିତ ହୋଇଥିଲା । ବଡ଼ା ଉଦାସୀନ ଆଖଡ଼ାର କିଛି ସାଧୁ ଅଲଗା ହୋଇ ଏହି ନୂଆ ଆଖଡ଼ା ସ୍ଥାପନ କରିଥିଲେ । ଏହାର ପ୍ରବର୍ତ୍ତକ ଥିଲେ ମହନ୍ତ ସୁଧୀର ଦାସଜୀ । ହରିଦ୍ୱାର, ଉଜ୍ଜୈନ, ତ୍ରୟମ୍ବକେଶ୍ୱର ଆଦି ସ୍ଥାନରେ ଏହାର ଶାଖା ରହିଛି ।

## ଶ୍ରୀ ନିର୍ମଳ ପଞ୍ଚାୟତି ଆଖଡ଼ା

୧୭୮୪ ମସିହରେ ଶ୍ରୀ ନିର୍ମଳ ପଞ୍ଚାୟତି ଆଖଡ଼ା ସ୍ଥାପିତ ହୋଇଥିଲା । ସେତେବେଳେ ହରିଦ୍ୱାର କୁମ୍ଭ ମେଳା ସମୟରେ ଏକ ବଡ଼ ସଭାରେ ବିଚାର ବିମର୍ଶ କରି ଶ୍ରୀ ଦୁର୍ଗାସିଂହ ମହାରାଜ ଏହାକୁ ସ୍ଥାପନ କରିଥିଲେ । ଏହାର ଇଷ୍ଟ ଦେବତା ହେଉଛନ୍ତି ଶ୍ରୀ ଗୁରୁଗ୍ରନ୍ଥ ସାହେବ । ଏହି ସଂପ୍ରଦାୟର ସାଧୁ, ମହନ୍ତ ଓ ମହାମଣ୍ଡଳେଶ୍ୱରଙ୍କ ସଂଖ୍ୟା ଅଧିକ । ପ୍ରୟାଗ, ହରିଦ୍ୱାର, ଉଜ୍ଜୈନ ଓ ତ୍ରୟମ୍ବକେଶ୍ୱରରେ ଏହାର ଶାଖା ରହିଛି ।

## ନିର୍ମୋହୀ ଆଖଡ଼ା

୧୭୨୦ ମସିହାରେ ନିର୍ମୋହୀ ଆଖଡ଼ା ସ୍ଥାପନ କରାଯାଇଥିଲା । ଆଖଡ଼ାର ମଠ ଓ ମନ୍ଦିର ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ, ବିହାରରେ ରହିଛି । ପ୍ରାଚୀନ କାଳରେ ଏହି ଆଖଡ଼ାର ଅନୁଗାମୀମାନଙ୍କୁ ଧନୁତୀର ଓ ଖଣ୍ଡା ଚାଳନା ଶିକ୍ଷା ଦିଆଯାଉଥିଲା ।





ଭାରତୀୟଙ୍କ ଆସ୍ଥାର ମହାପର୍ବ କୁମ୍ଭ ତା'ର ପ୍ରାଚୀନତା ଏବଂ ପରମ୍ପରା ପାଇଁ ସାରା ବିଶ୍ୱରେ ପରିଚିତ । କୁମ୍ଭ ମେଳାରେ ବହୁସଂଖ୍ୟକ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସାଧୁ ସନ୍ନ୍ୟାସୀମାନେ ସାମିଲ ହୋଇଥାନ୍ତି । ଯେଉଁଥିରେ ନାଗା ସାଧୁମାନଙ୍କ ଉପସ୍ଥିତି ବି ଦେଖିବାକୁ ମିଳିଥାଏ । ଯଦିଓ ନାଗାବାବାଙ୍କୁ କୁମ୍ଭ, ଅର୍ଦ୍ଧକୁମ୍ଭ ଓ ମହାକୁମ୍ଭରେ ଦେଖିବାକୁ ମିଳେ, ତଥାପି ସେମାନେ କେଉଁଠୁ ଆସି ଏହାପରେ ଅଚାନକ କେଉଁ ଆଡ଼େ ଅନ୍ତର୍ଦ୍ଧାନ ହୋଇଯାଆନ୍ତି, ସେ କଥା କେହି ଜାଣି ପାରନ୍ତି ନାହିଁ । ତେବେ କୁମ୍ଭ ପରେ ନାଗା ସାଧୁଙ୍କର ଏଭଳି ରହସ୍ୟମୟ ଅନୁପସ୍ଥିତିକୁ ନେଇ ଏହି ବିଶେଷ ଉପସ୍ଥାପନା ।

# ନାଗା ସାଧୁଙ୍କ ରହସ୍ୟମୟ ଅନୁପସ୍ଥିତି

## ହିମାଳୟ ଗୁମ୍ଫାରେ ଆସ୍ଥାନ


କୁମ୍ଭ, ମହାକୁମ୍ଭରେ ଭସ୍ମବୋଳା ଶରୀରରେ ସମ୍ପୂର୍ଣ୍ଣ ଭିନ୍ନ ଏକ ପରିପାଟୀରେ ନଜର ଆସନ୍ତି ନାଗା ସାଧୁ । ଯାହାକି ସ୍ୱତଃପ୍ରବୃତ୍ତ ଭାବେ ସେମାନେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି । ତେବେ କୁମ୍ଭ ସମୟରେ ଚର୍ଚ୍ଚାରେ ରହୁଥିବା ଏହି ନାଗାସାଧୁ, କିନ୍ତୁ କୁମ୍ଭ ପରେ ଅଚାନକ କେଉଁ ଆଡ଼େ ଗାଏବ ହୋଇଯାଆନ୍ତି । ଅବଶ୍ୟ ସେମାନେ କେଉଁଠୁ ଆସନ୍ତି ଏବଂ ପୁଣି କେଉଁ ସ୍ଥାନକୁ ଫେରି ଯାଆନ୍ତି, ତାହା ଲୋକଙ୍କ ପାଇଁ ରହସ୍ୟରେ ହିଁ ରହିଆସିଛି । କୁହାଯାଏ, କୁମ୍ଭ ସମାପ୍ତ ପରେ ଅଧିକାଂଶ ନାଗା ସାଧୁ ଶରୀରରେ ଭସ୍ମବୋଳିହୋଇ ହିମାଳୟର ଛୋଟ ଛୋଟ ଗୁମ୍ଫାକୁ ଚାଲିଯାଆନ୍ତି । ବିଶେଷକରି ଗୁମ୍ଫା, ପାହାଡ଼, ପ୍ରାଚୀନ ମନ୍ଦିର ତଥା ନିର୍ଜନ ସ୍ଥାନରେ ସେମାନେ ତପସ୍ୟାରେ ଲୀନ ରହନ୍ତି । ଏହି ସ୍ଥାନରେ ରହି ପରବର୍ତ୍ତୀ କୁମ୍ଭ ପର୍ଯ୍ୟନ୍ତ ସେମାନେ ସେମିତି କଠିନ ତପସ୍ୟା କରିଥାନ୍ତି ।

## ଜଙ୍ଗଲ ରାସ୍ତାରେ ଯାତ୍ରା

ନାଗା ସାଧୁଙ୍କ ଦୁନିଆ ଖୁବ୍ ଗୋପନୀୟ ଏବଂ ରହସ୍ୟମୟ। ସମ୍ପୂର୍ଣ୍ଣ ଶରୀରରେ ଭସ୍ମବୋଳିହୋଇ ବିଶାଳ ଜଟା ଧାରଣ କରି ଏବଂ ହାତରେ ଡମ୍ବରୁ ଧରି ଘନ ଜଙ୍ଗଲ ରାସ୍ତାରେ ସେମାନେ ଯାତ୍ରା କରନ୍ତି । କେବଳ ସେତିକି ନୁହେଁ, ସେମାନେ ଦିନ ପରିବର୍ତ୍ତେ ରାତି ଅଧରେ ଜଙ୍ଗଲ ରାସ୍ତାରେ ଯାତ୍ରା ଆରମ୍ଭ କରିଥାନ୍ତି । ମଣିଷଙ୍କ ସହ ସେମାନଙ୍କର ଯେଭଳି ଅଧିକ ଦେଖାସାକ୍ଷାତ ନ ହେବ, ସେଥିପାଇଁ ସେମାନେ ଯାତ୍ରା ସମୟରେ କୌଣସି ଗାଁ ତଥା ନଗରରେ ନ ରହି, ଜଙ୍ଗଲ, ପ୍ରାଚୀନ ମନ୍ଦିର ତଥା ନିର୍ଜନ ସ୍ଥାନରେ ରହିବାକୁ ପସନ୍ଦ କରନ୍ତି । ଏହି କାରଣ ଯୋଗୁଁ ସେମାନଙ୍କ ଯିବା ଆସିବା ଜଣାପଡ଼ି ନ ଥାଏ । ସେହିପରି କିଛି ନାଗା ସାଧୁ ଦଳବଦ୍ଧ ହୋଇ ଯାତ୍ରା କରୁଥିବା ବେଳେ ଆଉ କେତେଜଣ ନାଗା ସାଧୁ ଏକାକୀ ଯାତ୍ରା କରିଥାନ୍ତି ।

## ଗୋପନୀୟ ସ୍ଥାନରେ ତପସ୍ୟା

ନାଗା ସନ୍ନ୍ୟାସୀମାନେ କେବଳ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ରୁହନ୍ତି ତାହା ନୁହେଁ, ବରଂ ସେମାନେ ବିଭିନ୍ନ ସ୍ଥାନ ଯଦିଓ ବୁଲନ୍ତି, ତାହା ଗୋପନୀୟ ହୋଇଥାଏ । କାରଣ ସେମାନଙ୍କ ଗତିବିଧିକୁ କେହି ଜାଣିପାରନ୍ତି ନାହିଁ। ତେବେ ସେମାନେ ଗୋଟିଏ ଗୁମ୍ଫାରେ କିଛି ବର୍ଷ ରହି ପୁଣି ଅନ୍ୟ ଏକ ସ୍ଥାନ ପରିବର୍ତ୍ତନ କରିଥାନ୍ତି । ସେଥିପାଇଁ ସେମାନଙ୍କ ସଠିକ୍ ସ୍ଥିତିର ବାବଦରେ ଜାଣିବା କଷ୍ଟକର ହୋଇଥାଏ । ପୁଣି ସେମାନଙ୍କ ମଧ୍ୟରୁ କିଛି ନାଗା ସନ୍ନ୍ୟାସୀ ବସ୍ତ୍ର ଧାରଣ କରୁଥିବା ବେଳେ ଆଉ କେତେ ଜଣ ନିବସ୍ତ୍ରହୋଇ ଗୁପ୍ତ ସ୍ଥାନରେ ରହି ତପସ୍ୟା କରିଥାନ୍ତି । ■





## ଭୂମି ତଳେ ଶୟନ

ନାଗା ସାଧୁ କୌଣସି ପ୍ରକାର ଆରାମଦାୟକ ଜିନିଷ ବ୍ୟବହାର କରନ୍ତି ନାହିଁ । ସେମାନେ ଅଧିକାଂଶ ସମୟ ତପସ୍ୟାରେ ହିଁ ଲୀନ ରହନ୍ତି । ସେଥିପାଇଁ ସେମାନେ ଖୁବ୍ କମ୍ ଶୁଅନ୍ତି । ତା'ସହ ସେମାନେ ସାଧାରଣ ଲୋକଙ୍କ ଭଳି ଖଟ କିମ୍ବା ଶଯ୍ୟାରେ ନୁହେଁ, ବରଂ ଭୂମି ତଳେ ଶୁଅନ୍ତି । ଏହାସହ କଠୋର ନିୟମକୁ ପାଳନ ବି କରନ୍ତି । ସେହିପରି ଯାତ୍ରା ସମୟରେ ଜଙ୍ଗଲରୁ ମିଳୁଥିବା କନ୍ଦ, ଜଡ଼ିବୁଟି, ଫଳ ଆଦି ହେଉଛି ସେମାନଙ୍କର ଖାଦ୍ୟ । ଅନ୍ୟପଟେ କିଛି ନାଗା ସାଧୁ ଏଭଳି ଅଛନ୍ତି, ଯେଉଁମାନେ ବିନା ଆହାରରେ ତପସ୍ୟାରେ ବସି ରହନ୍ତି ।







# କଠୋର ସାଧନା ମାର୍ଗରେ ନାଗା ସାଧ୍ୱୀ



ମହାପ୍ରଭୁଙ୍କ ନାମ ଜପରେ ସାଧୁସନ୍ଥଙ୍କ ଜୀବନ ସମର୍ପିତ । ପୁରାଣ ଓ ପ୍ରାଚୀନ ଧର୍ମ ଗ୍ରନ୍ଥରେ ସାଧୁଙ୍କ ସଂପର୍କରେ ବର୍ଣ୍ଣନା ରହିଛି । ତେବେ ଅଧିକ ସମୟରେ ନାଗା ସାଧୁଙ୍କୁ ନେଇ ଚର୍ଚ୍ଚା ହୋଇଥାଏ । କେବଳ ପୁରୁଷମାନେ ସାଧୁ ହୋଇନଥାନ୍ତି, ବରଂ ମହିଳାମାନେ ମଧ୍ୟ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ସନ୍ନ୍ୟାସିନୀ ହୋଇଥାଆନ୍ତି । ପୁରୁଷ ନାଗା ସାଧୁଙ୍କ ଭଳି ମହିଳା ନାଗା ସାଧୁ ବା ସାଧ୍ୱୀଙ୍କ ଜୀବନ ମଧ୍ୟ ବହୁ କଷ୍ଟସାଧ୍ୟ । ବିଶେଷ ପର୍ବ ବା ଉତ୍ସବରେ ନିଜ ତପସ୍ୟା ସ୍ଥଳୀରୁ ଏମାନେ ବାହାରକୁ ଆସିଥାନ୍ତି । ଅନ୍ୟ ସମୟରେ ଗୋପନୀୟ ଭାବେ ନିଜ ସାଧନାରେ ନିଗମ୍ନ ରହିଥାନ୍ତି । ମହିଳା ନାଗା ସାଧୁଙ୍କ ତପସ୍ୟା ଓ ଜୀବନ ଶୈଳୀକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ଦୀକ୍ଷା ଗ୍ରହଣ ପ୍ରକ୍ରିୟା

ସାଧାରଣତଃ ପୁରୁଷ ନାଗା ସାଧୁଙ୍କ ସଂପର୍କରେ ପ୍ରାୟ ସଭିଁଏ ଜାଣନ୍ତି । ତେବେ ମହିଳା ନାଗା ସାଧୁଙ୍କ ବିଷୟରେ ଅନେକଙ୍କୁ ଜଣା ନଥାଏ । ମହିଳା ନାଗା ସାଧୁଙ୍କ ଜୀବନ ଅତ୍ୟନ୍ତ ରହସ୍ୟମୟ । ସେମାନଙ୍କ ଜୀବନ ଶୈଳୀ ମଧ୍ୟ ବେଶ୍ କଷ୍ଟକର । ମହିଳା ନାଗା ସାଧୁ ବା ସାଧ୍ୱୀ ହେବାକୁ ୬ରୁ ୧୨ ବର୍ଷ ପର୍ଯ୍ୟନ୍ତ କଠିନ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ପଡ଼ିଥାଏ । ଏହା ପରେ ସେମାନେ ନିଜ ଜୀବନ ଈଶ୍ୱରଙ୍କ ପ୍ରତି ପୂରା ସମର୍ପିତ ବୋଲି ଗୁରୁଙ୍କୁ ବିଶ୍ୱାସ ଦେବାକୁ ପଡ଼ିବ । ଏହା ପରେ ସେମାନେ ନିଜେ ନିଜର ପିଣ୍ଡଦାନ କରିଥାନ୍ତି । ଏହା କରିବା ଦ୍ୱାରା ସେମାନେ ପୂରା ଦିନ ଭକ୍ତିରେ ଈଶ୍ୱରଙ୍କ ପ୍ରତି ସମର୍ପିତ ହୋଇଥାନ୍ତି । ପିଣ୍ଡଦାନର ଉଦ୍ଦେଶ୍ୟ ହେଉଛି, ବିଗତ ଜୀବନକୁ ତ୍ୟାଗ କରିବା । ପିଣ୍ଡଦାନ ପରେ ସେମାନଙ୍କୁ ସାଧୁ ଘୋଷଣା କରାଯାଏ । ସାଧୁ ହେବା ପରେ ସେମାନେ ମୁଣ୍ଡନ ହୋଇଥାନ୍ତି । ପରେ ସେମାନେ ପବିତ୍ର ନଦୀକୁ ଯାଇ ସ୍ନାନ କରି ପୂରା ବିଧିବିଧାନ ଆନୁସାରେ ନାଗା ସାଧୁ ହୋଇଥାନ୍ତି । ମହିଳାଙ୍କୁ ସନ୍ନ୍ୟାସିନୀ କରିବାର ପୂରା ପ୍ରକ୍ରିୟା ଆଖଡ଼ାର ସର୍ବୋଚ୍ଚ ପଦାଧିକାରୀ ଆଚାର୍ଯ୍ୟ ମହାମଣ୍ଡଳେଶ୍ୱରଙ୍କ ଦ୍ୱାରା ସଂପାଦନା କରାଯାଏ । ମହିଳାମାନେ ନାଗା ସାଧୁ ହେବା ପରେ ସେମାନଙ୍କୁ 'ମାତା' ଉପାଧି ପ୍ରଦାନ କରାଯାଏ । ପୁରୁଷ ନାଗା ସାଧୁମାନେ ନିବସ୍ତ୍ର ରହୁଥିବାବେଳେ ମହିଳା ସାଧ୍ୱୀମାନଙ୍କୁ ବସ୍ତ୍ର ପରିଧାନର ଅନୁମତି ମିଳିଥାଏ । ତେବେ ସେମାନେ ଜୀବନ ସାରା ଗୋଟିଏ ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି । ସାଧୁଙ୍କ ଭଳି ମହିଳା ନାଗା ମାତାମାନେ ମଧ୍ୟ ନିୟମ ମାନି ଜୀବନ ଅତିବାହିତ କରନ୍ତି ।



## ବେଶଭୂଷା

ପୁରୁଷ ନାଗା ସାଧୁ ସାଧାରଣତଃ ନଗ୍ନ ଅବସ୍ଥାରେ ଥିବା ଦେଖିବାକୁ ମିଳନ୍ତି । ତେବେ ମହିଳା ନାଗା ସାଧୁଙ୍କ ନାମ ନାଗା ସାଧୁ ଦିଆଯାଏ, କିନ୍ତୁ ସେମାନେ ନିବସ୍ତ୍ର ରୁହନ୍ତି ନାହିଁ । ମହିଳା ନାଗା ସାଧୁ ବସ୍ତ୍ରଧାରୀ । ବିନା ସିଲେଇରେ ଗୋରୁଆ ବସ୍ତ୍ର ସେମାନେ ପରିଧାନ କରନ୍ତି । ଏହା ଶରୀରକୁ ଆବୃତ କରିରଖିଥାଏ । ଏହା ସହିତ ସେମାନେ ମଥାରେ ତିଳକ ଲଗାଇଥାନ୍ତି । ସେହିପରି ଶରୀରର କିଛି ଅଂଶରେ ଭସ୍ମ ପ୍ରଲେପ ହୋଇଥାନ୍ତି । ସେମାନଙ୍କୁ 'ମାତା' ବୋଲି କୁହାଯାଏ ।

## ମହିଳା ନାଗା ସାଧୁଙ୍କ ଦର୍ଶନ ଦୁର୍ଲଭ

ସବୁ ସମୟରେ ମହିଳା ନାଗା ସାଧୁମାନଙ୍କୁ ଦେଖିବାକୁ ମିଳେ ନାହିଁ । ବିଶେଷ ଉତ୍ସବରେ କେବଳ ସେମାନେ ଦେଖାଯାଆନ୍ତି । ଜନଜୀବନଠାରୁ ବହୁ ଦୂରରେ ସେମାନେ ଅବସ୍ଥାନ କରିଥାନ୍ତି । ଦୂର ଜଙ୍ଗଲ, ପାହାଡ଼, ଗୁମ୍ଫାରେ ରୁହନ୍ତି । ପୂରା ସମୟ ସେମାନେ ଭଗବାନ ଶିବଙ୍କ ଭକ୍ତିରେ ଲୀନ ହୋଇଥାନ୍ତି । ଜଙ୍ଗଲ-ପାହାଡ଼ରୁ ବାହାରି ସାଧାରଣ ଦୁନିଆ ସାମ୍ନାରେ ବହୁତ କମ୍ ସମୟ ଦେଖାଯାଆନ୍ତି । ସାଧାରଣତଃ କୁମ୍ଭ ଓ ମହାକୁମ୍ଭ ମେଳାରେ ମହିଳା ନାଗା ସାଧୁଙ୍କ ଦର୍ଶନ ମିଳିଥାଏ । ଏହା ବ୍ୟତୀତ ଅନ୍ୟ ସମୟରେ ସେମାନଙ୍କୁ ଦେଖିବାକୁ ମିଳେନି । କୁମ୍ଭ ବା ମାଘ ମେଳାରେ ପ୍ରୟାଗରାଜରେ ସ୍ନାନ କରିବା ପାଇଁ ଆସିଥାନ୍ତି । ତେବେ କୁମ୍ଭ ମେଳାରେ ସ୍ନାନ ସମୟରେ ସେମାନେ ଗେରୁଆ ବସ୍ତ୍ର ପରିଧାନ କରିଥାନ୍ତି । ସ୍ନାନାନ୍ତେ ସେମାନେ ଚାଲି ଯାଆନ୍ତି ।

## କଠୋର ସାଧନା

ମହିଳା ନାଗା ସାଧୁ ବା ସନ୍ନ୍ୟାସିନୀମାନଙ୍କୁ କଠୋର ସାଧନା କରିବାକୁ ପଡ଼ିଥାଏ । ପ୍ରାତଃରୁ ଉଠି ନଦୀରେ ସ୍ନାନ କରିବାକୁ ପଡ଼ିଥାଏ । ସେମାନଙ୍କୁ ଥଣ୍ଡା ପାଣିରେ ଗାଧୋଇବାକୁ ପଡ଼ିଥାଏ । ସେମାନଙ୍କ ସାରା ଦିନ ଭଗବାନ ଶିବଙ୍କ ଆରାଧନାରେ ବିତିଥାଏ । ସନ୍ଧ୍ୟା ସମୟରେ ଭଗବାନ ଦତ୍ତାତ୍ରେୟଙ୍କୁ ପୂଜା କରିବାକୁ ପଡ଼ିଥାଏ । ମହିଳା ନାଗା ସାଧୁ ତାନ୍ତ୍ରିକ କ୍ରିୟା ମଧ୍ୟ କରିଥାନ୍ତି ।

## ବିଭିନ୍ନ ନାମରେ ପରିଚିତ

ମହିଳା ନାଗା ସାଧୁ ବିଭିନ୍ନ ନାମରେ ପରିଚିତ । ସେମାନଙ୍କୁ ମାଈ, ନାଗିନ, ଅବଧୂତାନୀ ଆଦି ନାମରେ ସମ୍ବୋଧନ କରାଯାଏ । ଅନ୍ୟ ସନ୍ନ୍ୟାସିନୀମାନେ ସେମାନଙ୍କୁ ମାତା କହିଥାନ୍ତି । ସକାଳୁ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସେମାନେ କେବଳ ଶିବଙ୍କ ପ୍ରତି ସମର୍ପିତ ହୋଇରହିଥାନ୍ତି । କୁମ୍ଭ ମେଳାରେ ଅନେକ ସାଧୁ ଆଖଡ଼ା ଥାଏ । ସେସବୁ ମଧ୍ୟରୁ ଜୁନା ଆଖଡ଼ା ସବୁଠାରୁ ବଡ଼ ଆଖଡ଼ା । ତେବେ ଦଶନାମ ସନ୍ନ୍ୟାସିନୀ ଆଖଡ଼ାରେ ସବୁଠାରୁ ଅଧିକ ସଂଖ୍ୟାରେ ମହିଳା ନାଗା ସାଧୁଙ୍କୁ ଦୀକ୍ଷା ଦିଆଯାଇଥାଏ । କାରଣ ଅନ୍ୟ କୌଣସି ଆଖଡ଼ାରେ ମହିଳାଙ୍କୁ ନାଗା କରାଯିବାର ପ୍ରଥା ପ୍ରଚଳିତ ହୋଇନାହିଁ । ୨୦୧୩ ମସିହାରେ ପ୍ରଥମ ଥର ପ୍ରୟାଗରାଜରେ ମାଈ ଓ୍ୱାଡ଼ା ଆଖଡ଼ାକୁ ସାମିଲ କରାଯାଇଥିଲା । ଏହି ଆଖଡ଼ାରେ ଅଧିକ ସଂଖ୍ୟାରେ ମହିଳା ନାଗା ସାଧୁ ରହିଥାନ୍ତି । ସେମାନଙ୍କୁ ବିଭିନ୍ନ ନାମ ଓ ପଦବିରେ ସମ୍ମାନିତ କରାଯାଇଥାଏ । ନାଗିନ ଆଖଡ଼ାରେ ନାଗା ସାଧୁଙ୍କୁ କୌଣସି ପଦବି ପାଇଁ ମନୋନୀତ କରାଯାଏ ନାହିଁ ।

# କଥାଚିତ୍ରରେ ଅଘୋରୀ ଓ ନାଗା ସାଧୁ

ଅନେକ ସିନେମାରେ ନାୟକ, ନାୟିକା, ଖଳଚରିତ୍ର ବ୍ୟତୀତ ନାଗା ସାଧୁ ଏବଂ ଅଘୋରୀଙ୍କ ଭଳି ଭୟାନକ ତଥା ଚମତ୍କାର ଚରିତ୍ର ଦେଖିବାକୁ ମିଳେ। ଯାହାକୁ ମିଳିଛି ଦର୍ଶକଙ୍କ ଅଜସ୍ର କରତାଳି। ସେହିପରି ସେମାନଙ୍କ ସଂଳାପ, ବେଶ ପରିପାଟୀ କେବଳ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରି ନ ଥାଏ, ବରଂ ସେମାନଙ୍କ ଚରିତ୍ର ବି ସିନେମାକୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ତେବେ କଥାଚିତ୍ରରେ ଅଘୋରୀ ଓ ନାଗା ସାଧୁ ଭୂମିକାରେ ନଜର ଆସିଥିବା ସେଭଳି କିଛି କଳାକାରଙ୍କ ଅଭିନୟକୁ ନେଇ ଏହି ଉପସ୍ଥାପନା।

## 'ଆମେ ଅଘୋରୀ...ଆମ ପାଇଁ ଝିଅମାନେ ପାପ'

ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସବ୍ୟସାଚୀଙ୍କ ଅଭିନୀତ 'ପୁଷ୍କରା' ସିନେମାରେ ଅଛି ଅଘୋରୀକୁ ନେଇ ଏକ ସୁନ୍ଦର ଚରିତ୍ର। ଏଥିରେ ଅଘୋରୀ ଭୂମିକାରେ ଚମତ୍କାର ଅଭିନୟ କରିଛନ୍ତି ଓଲିଉଡ୍‌ର ବରିଷ୍ଠ ଅଭିନେତା ଚୌଧୁରୀ ବିକାଶ ଦାସ। ସିନେମାରେ ତାଙ୍କ ବେଶଭୂଷା ତଥା ଅଭିନୟ ଖୁବ୍ ଉଚ୍ଚକୋଟୀର ହୋଇଛି। ସେହିପରି ଏଥିରେ ତାଙ୍କର ଏକ ସଂଳାପ ଅଛି 'ଆମେ ଅଘୋରୀ... ଆମ ପାଇଁ ଝିଅମାନେ ପାପ, ପାପ ମାନେ ନର୍କକୁ ବାଟ।' ସେହିପରି ଏହି ସିନେମାଟି କେବଳ ରାଜ୍ୟ ନୁହେଁ, ଦେଶବ୍ୟାପୀ ବିଭିନ୍ନ ହଲ୍‌ରେ ପ୍ରଦର୍ଶିତ ହୋଇଛି। ଯାହାକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ନିଜ ଉପନ୍ୟାସ 'ନାଦବିନ୍ଦୁ'ର ବିଷୟବସ୍ତୁ ଆଧାରରେ ଶଙ୍କର ତ୍ରିପାଠୀ ଏହି ସିନେମାର କାହାଣୀ ଓ ସଂଳାପ ମଧ୍ୟ ଲେଖିଛନ୍ତି। ସେହିପରି ତରଙ୍ଗ ପ୍ରଡକସନ୍ ବ୍ୟାନରରେ ନିର୍ମିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ ଦାସ। ଫିଲ୍ମଟିରେ ହଜିଯାଉଥିବା ସଂସ୍କୃତି, ପରମ୍ପରା ଏବଂ କୌଳିକ ବୃତ୍ତିକୁ ସୁନ୍ଦର ଭାବେ ଦୃଶ୍ୟାୟିତ କରାଯାଇଛି। ତେବେ 'ପୁଷ୍କରା' ଚରିତ୍ରରେ ସବ୍ୟସାଚୀଙ୍କ ନିଖୁଣ ଅଭିନୟ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ସିନେମାରେ ସବ୍ୟଙ୍କ ବିପକ୍ଷରେ ଅଭିନେତ୍ରୀ ସୁପ୍ରିୟା ଅଛନ୍ତି।





## 'ଅନାନୀ... ମୁଁ ଅଘୋରୀ'

୨୦୧୯ରେ ମୁକ୍ତିଲାଭ କରିଥିବା 'ତୁ ମୋ ସୁନା ଚଢ଼େଇ' ଚଳଚ୍ଚିତ୍ରରେ ରାଇମୋହନ ପରିଡ଼ାଙ୍କୁ ଅଘୋରୀ ଚରିତ୍ରରେ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କ 'ଅନାନୀ... ମୁଁ ଅଘୋରୀ' ସଂଳାପକୁ ଦର୍ଶକଙ୍କ କରତାଳି ମିଳିଥିଲା। ଦମ୍‌ଦାର୍ ଅଭିନୟ ସାଙ୍ଗକୁ ଲୁକ୍ ବି ଥିଲା ଖୁବ୍ ଭୟଙ୍କର। ଦିଲ୍ଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ ଜ୍ୟୋତି ରଞ୍ଜନ। ଜ୍ୟୋତିଙ୍କ ବ୍ୟତୀତ ଏଲ୍‌ସା, ଶ୍ରେୟା, କ୍ରିଷ୍ଣା ପ୍ରମୁଖ ଅଭିନୟ କରିଛନ୍ତି।

## ନାଗା ସାଧୁ ବେଶରେ ସୈଫ୍





ବଲିଉଡ୍ ଫିଲ୍ମ 'ଲାଲ୍ କପ୍ତାନ'ରେ ନାଗା ସାଧୁ ଚରିତ୍ରରେ ନଜର ଆସିଛନ୍ତି ଲୋକପ୍ରିୟ ଅଭିନେତା ସୈଫ୍ ଅଲୀ ଖାନ୍। ତାଙ୍କର ଏହି ନାଗା ଲୁକ୍‌କୁ ସିନେମାରେ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ତେବେ ଏଥିରେ ତାଙ୍କ ଲୁକ୍ ଏଭଳି ଥିଲା ଯେ, ତାଙ୍କୁ ସତରେ ଚିହ୍ନିବା ସହଜ ନ ଥିଲା। ତେବେ ନବଦୀପ ସିଂହଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ରିଲିଜ୍ ପୂର୍ବରୁ ସୈଫ୍ ତାଙ୍କ ଲୁକ୍‌କୁ ନେଇ ଚର୍ଚ୍ଚାରେ ଥିଲେ। ଅନ୍ୟପଟେ ଏହି ନାଗା ଲୁକ୍ ପାଇଁ ତାଙ୍କୁ ଟ୍ରୋଲ ମଧ୍ୟ କରାଯାଇଥିଲା। ନାଗା ସାଧୁଙ୍କ ଭଳି କେଶ, ତିଳକ ଆଦି ବେଶ ଧାରଣ ପାଇଁ ତାଙ୍କୁ ଦୁଇ ଘଣ୍ଟା ଲାଗୁଥିଲା। ତା'ସହ ଏହି ଚରିତ୍ର ପାଇଁ ସୈଫ୍‌ଙ୍କୁ ଖୁବ୍ ପରିଶ୍ରମ ମଧ୍ୟ କରିବାକୁ ପଡ଼ିଥିଲା। କେବଳ ସେତିକି ନୁହେଁ, ତାଙ୍କର ଏହି ଲୁକ୍‌କୁ ହଲିଉଡ୍ ଷ୍ଟାର୍ ଜ୍ୟାକ୍ ସ୍ପାରୋ ସହ ସେ ତୁଳନା କରିଥିଲେ। ସୈଫ୍‌ଙ୍କ ବ୍ୟତୀତ ସିନେମାରେ ମାନବ ବିଜ୍, ଜୋୟା ହୁସେନ, ଦୀପକ ଡୋବରିୱାଲ ଅଛନ୍ତି।

## ବ୍ରିଟିଶ ହରର୍ ଫିଲ୍ମରେ ନାଗା ସାଧୁ




ବ୍ରିଟିଶ ଇଣ୍ଡିଆନ୍ ହର୍‌ର ଫିଲ୍ମ 'ଦ ଅଦର୍ ସାଇଡ୍ ଅଫ୍ ଦ ଡୋର୍' ୨୦୧୬ରେ ମୁକ୍ତିଲାଭ କରିଥିଲା। ଏଥିରେ ଏଭଳି ଗୋଟିଏ ଚରିତ୍ର ଅଛି, ଯାହାର ବେଶ ପରିପାଟୀ ଅବିକଳ ଭାରତୀୟ ନାଗା ସାଧୁଙ୍କ ଭଳି। ନାଗା ସାଧୁଙ୍କ ଭଳି ଜଟ, ତିଳକ ତାଙ୍କଠାରେ ଦେଖିବାକୁ ମିଳିଛି। ସେହିପରି ଏହି ଚରିତ୍ରଟି ମଧ୍ୟ ଏହି ବେଶରେ ଖୁବ୍ ଭୟଙ୍କର ଦେଖିବାକୁ। ଏହି ସିନେମାର କାହାଣୀ ବ୍ରିଟେନ ଓ ଭାରତ ଉପରେ ଆଧାରିତ ଥିଲା। ଫିଲ୍ମରେ ଅଛି ଭାରତୀୟ ଯାଦୁକରର ଏକ ଚରିତ୍ର। ଯାହାଙ୍କ ବେଶଭୂଷା ଅବିକଳ ଭାରତୀୟ ନାଗା ସାଧୁ ଦ୍ୱାରା ପ୍ରେରିତ। ■





# ନାଗା ଓ ଅଘୋରୀ ବାବା

# ଅଭିନ୍ନ ନୁହଁନ୍ତି, ଭିନ୍ନ

ଭାରତୀୟ ଇତିହାସରେ ମୁନି, ଋଷି, ସନ୍ଥ ଏବଂ ଯୋଗୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଇତିହାସ ପୃଷ୍ଠାକୁ ଓଲଟାଇଲେ ଦେଖାଯାଏ, ସେମାନେ କେତେବେଳେ ସୃଷ୍ଟିର ରକ୍ଷକ ସାଜିଛନ୍ତି ତ, ଆଉ କେତେବେଳେ ବିଧ୍ୱଂସୀମାନଙ୍କୁ ଉଚିତ ଶାସ୍ତି ଦେବାକୁ ପଛାଇ ନାହାନ୍ତି । ସେହିପରି ହିନ୍ଦୁ ଧର୍ମ ଓ ଜୈନ ଧର୍ମ ଅନୁଯାୟୀ ଜଣେ ସାଧୁ ସାଂସାରିକ ଜୀବନ ତ୍ୟାଗ କରି ଧାର୍ମିକ ତପସ୍ୱୀ ଭାବରେ ଜୀବନ ଅତିବାହିତ କରନ୍ତି । ତେବେ ସାଧୁର ଅର୍ଥ 'ସାଧନା କରି ସର୍ବଦା ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ଏବଂ କାହାର ଅନିଷ୍ଟ କରିବା ନାହିଁ' । ଜଣେ ସାଧୁ ସର୍ବଦା ଜନ୍ମମୃତ୍ୟୁର ବନ୍ଧନରୁ ନିଜକୁ ମୁକ୍ତ କରି ସାଧନା ମାଧ୍ୟମରେ ମୋକ୍ଷପ୍ରାପ୍ତି ହେବାର ଇଚ୍ଛା କରିଥାନ୍ତି । ହିନ୍ଦୁ ଧର୍ମରେ ବିଭିନ୍ନ ପ୍ରକାର ସାଧୁ ରହିଛନ୍ତି । ସେଥିମଧ୍ୟରୁ ନାଗା ସାଧୁ ଓ ଅଘୋରୀ ଉଭୟ ଶିବଙ୍କର ଉପାସନା କରିଥାନ୍ତି । ପାଉଁଶବୋଳା ମଳିନ ନଗ୍ନ ଶରୀର ଦେଖିବାକୁ ଏକାଭଳି ଲାଗୁଥିଲେ ହେଁ ସେମାନଙ୍କ ଚଳଣି, ବିଶ୍ୱାସ, ଜୀବନଶୈଳୀ ଓ ତପସ୍ୟା ମଧ୍ୟରେ ବହୁତ ତଫାତ୍ ବା ଭିନ୍ନତା ରହିଛି । ନାଗା ଓ ଅଘୋରୀ ବାବାଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## 'ନାଗା' ଶବ୍ଦର ତାତ୍ପର୍ଯ୍ୟ

ସାଧାରଣତଃ ନାଗା ସାଧୁଙ୍କ କଥା ଉଠିଲେ ଲମ୍ବା ଦାଢ଼ି ରଖିଥିବା ଓ ବସ୍ତ୍ର ପରିଧାନ ନକରିଥିବା ସାଧୁଙ୍କ ଦୃଶ୍ୟ ସର୍ବ ପ୍ରଥମେ ମନକୁ ଆସିଥାଏ । କିଛି ବିଦ୍ୱାନ ବ୍ୟକ୍ତିଙ୍କ କହିବାନୁଯାୟୀ 'ନାଗା' ଶବ୍ଦ ସଂସ୍କୃତ ଶବ୍ଦ 'ନାଗା'ରୁ ଆସିଛି । ଏହାର ଅର୍ଥ 'ପାହାଡ଼' । ତେଣୁ ପାହାଡ଼, ପର୍ବତରେ ରହୁଥିବା ଲୋକଙ୍କୁ ପାହାଡ଼ୀ ତଥା ନାଗା ବୋଲି କୁହାଯାଏ । ଅନ୍ୟ ଅର୍ଥରେ ଏହି ନାଗା ଶବ୍ଦର ଅର୍ଥ 'ନଗ୍ନ' ରହୁଥିବା ଲୋକଙ୍କୁ ବୁଝାଇଥାଏ । ଉତ୍ତର-ପୂର୍ବ ଭାରତରେ ବାସ କରୁଥିବା ଏହି ଲୋକଙ୍କୁ ନାଗା ବୋଲି ଅଭିହିତ କରାଯାଏ । ପ୍ରୟାଗରାଜ ମାଘ ମେଳା ସମୟରେ ନାଗା ସାଧୁଙ୍କୁ ଦେଖିବାକୁ ମିଳିଥାଏ । ନାଗା ସନ୍ନ୍ୟାସୀମାନେ କିଛି ଦିନ ଗୋଟିଏ ଗୁମ୍ଫାରେ ରହିବା ପରେ ସେ ସ୍ଥାନ ଛାଡ଼ି ଅନ୍ୟ ଗୁମ୍ଫାରେ ରହିଥାନ୍ତି । ନାଗା ସାଧୁ ଆଖଡ଼ାର ଆଶ୍ରମ ଏବଂ ମନ୍ଦିରରେ ବାସ କରୁଥିବା ବେଳେ କିଛି ତପସ୍ୟା ପାଇଁ ହିମାଳୟର ଉଚ୍ଚ ପାହାଡ଼ ଗୁମ୍ଫାରେ ରହିଥାନ୍ତି । ତେବେ ଅଧିକାଂଶ ନାଗା ସାଧୁ ହିମାଳୟ, କାଶୀ, ଗୁଜରାଟ ଓ ଉତ୍ତରାଖଣ୍ଡରେ ବାସ କରିଥାନ୍ତି । ସେହିପରି କିଛି ନାଗା ବାବା ବସ୍ତ୍ର ପରିଧାନ କରି ତ ଆଉ କିଛି ନଗ୍ନାବସ୍ଥାରେ ଗୁପ୍ତସ୍ଥାନରେ ରହି ତପସ୍ୟା କରିଥାନ୍ତି । ଆଖଡ଼ାର ଆଦେଶନୁଯାୟୀ ଏମାନେ ପାଦରେ ଭ୍ରମଣ କରିଥାନ୍ତି ।



## ଗୋଟିଏ ଓଳି ଆହାର

ନାଗା ସାଧୁମାନେ ଭିକ୍ଷାବୃତ୍ତି କରିଥାନ୍ତି । ଭିକ୍ଷାରୁ ମିଳିଥିବା ଦାନକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି । ରାତ୍ରି ଓ ଦିବା ସମୟକୁ ମିଶାଇ ଦିନରେ ଥରେ ମାତ୍ର ଭୋଜନ କରିଥାନ୍ତି । ଜଣେ ସାଧୁ ଅତି ବେଶିରେ ସାତଗୋଟି ଘରୁ ଭିକ୍ଷାବୃତ୍ତି କରିବାର ନିୟମ ରହିଛି । ଭିକ୍ଷା ଦାନରେ ମିଳୁଥିବା ଦ୍ରବ୍ୟକୁ ବାଛବିଚାର ନକରି ପ୍ରେମ ସହକାରେ ଗ୍ରହଣ କରିବାକୁ ପଡ଼ିଥାଏ । ତେଣୁ ସାତଗୋଟି ଘରୁ କୌଣସି ଭିକ୍ଷା ନ ମିଳିଲେ ତାଙ୍କୁ ଦିନସାରା ଉପବାସ ରହିବାକୁ ପଡ଼ିଥାଏ ।

## ଗୋପନ ରଖନ୍ତି ପରିଚୟ

ନାଗା ସାଧୁମାନେ ଖଟ, ପଲଙ୍କ ଭଳି ବିଳାସମୟ ସାଧନର ବ୍ୟବହାର କରିନଥାନ୍ତି । ନାଗାମାନେ କେବଳ ଭୂମି ଉପରେ ଶୟନ କରିଥାନ୍ତି । ଏହା ବହୁ କଠୋର ନିୟମ ହେବା ସତ୍ତ୍ୱେ ନାଗା ସାଧୁମାନେ ଏହାକୁ ପାଳନ କରିଥାନ୍ତି । ସାଧାରଣ ଜୀବନ ଯାତ୍ରାରେ ନାଗାଙ୍କ ଦର୍ଶନ ମିଳିନଥାଏ । ସେମାନେ ଜନଗହଳି ସ୍ଥାନରେ ଦେଖା ଯାଆନ୍ତି ନାହିଁ । ସର୍ବଦା ଜନଗହଳିଠାରୁ ଦୂରେଇ ରହିବାକୁ ପସନ୍ଦ କରନ୍ତି । କେବଳ ନିଜର ସାଧନା ଉପରେ ଗୁରୁତ୍ୱାରୋପ କରନ୍ତି । ଅଧିକାଂଶ ନାଗା ସନ୍ନ୍ୟାସୀ ନିଜ ପରିଚୟ ଗୋପନ ରଖିଥାନ୍ତି ।

## ଆଖଡ଼ା ସହ ସଂପର୍କ

ଆଖଡ଼ା ସହ ନାଗା ସାଧୁଙ୍କ  ସଂପର୍କ ଅତି ନିବିଡ଼ । ଯେତେବେଳେ କୌଣସି କିଶୋର ବା ଯୁବକ ନାଗା ଆଖଡ଼ା ସହ ଯୋଡ଼ି ହୁଅନ୍ତି ସର୍ବପ୍ରଥମେ ନିଜର ଶ୍ରାଦ୍ଧ, ମୁଣ୍ଡନ ଓ ପିଣ୍ଡଦାନ କରିଥାନ୍ତି । ନିଜର ଶ୍ରାଦ୍ଧ କରିବା ମାନେ ସାଂସାରିକ ଜୀବନରୁ ପୂରାପୂରି ବିରତ ହୋଇ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ରଖି ସମସ୍ତ କାମନା ବାସନାରୁ ନିଜକୁ ମୁକ୍ତି ଦେବା । ପରେ ଗୁରୁମନ୍ତ୍ର ନେଇ ସନ୍ନ୍ୟାସ ଧର୍ମରେ ଦୀକ୍ଷିତ ହୋଇଥାନ୍ତି । ଏହା ପରେ ଯାଇ ସେମାନେ ଆଖଡ଼ା, ସନ୍ଥ ପରମ୍ପରା ଓ ଏବଂ ସମାଜ ନିମନ୍ତେ ସମର୍ପିତ ହୋଇଥାନ୍ତି । ଏହିପରି ଭାବେ ଗୋଟିଏ ଗୁମ୍ଫାରୁ ଆଉ ଏକ ଗୁମ୍ଫାକୁ ସ୍ଥାନାନ୍ତରଣ କରି ଶିବଙ୍କ ଭକ୍ତିରେ ମୁଗ୍ଧ ହୋଇ ଜଡ଼ିବୁଟି ଏବଂ  କନ୍ଦମୂଳକୁ ଭକ୍ଷଣ କରି ପୂରା ଜୀବନ ଅତିବାହିତ କରିଥାନ୍ତି ।  ସେହିପରି ନାଗାମାନେ ଜଙ୍ଗଲ ମଧ୍ୟରେ ଭ୍ରମଣ କରି ନିଜର ଅଧା ଜୀବନ ଶେଷ କରିଥାନ୍ତି । ସେମାନେ ଅର୍ଦ୍ଧ କୁମ୍ଭ, କୁମ୍ଭ ମେଳା ତଥା ମାଘ ମେଳାରେ ଦେଖିବାକୁ ମିଳିଥାନ୍ତି ।



## ନାଗା ଦୀକ୍ଷିତ ପରେ ନୂଆ ପରିଚୟ

ନାଗା ଧର୍ମରେ ଦୀକ୍ଷିତ ହେବା ପରେ ନାଗା ସାଧୁଙ୍କୁ ଗୁରୁଙ୍କ ଦ୍ୱାରା  ନୂଆ ନାମ ଓ ସ୍ୱତନ୍ତ୍ର ପରିଚୟ ମିଳିଥାଏ । ପରିବାରରୁ ସମସ୍ତ ମୋହ,ମାୟା ତୁଟାଇ ଦେଇ ନୂଆ ପରିଚୟକୁ ପାଥେୟ କରି ସେ ନିଜର ବଳକା ଜୀବନ ଅତିବାହିତ କରିଥାନ୍ତି । ବ୍ରହ୍ମଚର୍ଯ୍ୟ ଧର୍ମ ନିଷ୍ଠାର ସହ ପାଳନ କରିବା ପରେ ସେମାନେ ବ୍ରହ୍ମଚାରୀରୁ ମହାପୁରୁଷ ଭାବେ ଅଭିହିତ ହୋଇଯାଆନ୍ତି । ସେମାନଙ୍କର ମୁଖ୍ୟତଃ ପାଞ୍ଚଜଣ ଗୁରୁ ଯଥା- ଶିବ, ବିଷ୍ଣୁ, ଶକ୍ତି, ସୂର୍ଯ୍ୟ ଏବଂ ଗଣେଶ ରହିଥାନ୍ତି । ଯାହାଙ୍କ ପାଖରେ ପାଉଁଶ, ରୁଦ୍ରାକ୍ଷ ଅର୍ପଣ କରାଯାଇଥାଏ । ଏହା ନାଗାମାନଙ୍କର ପ୍ରତୀକ ଓ ଆଭୂଷଣ ହୋଇଥାଏ ।



## ତନ୍ତ୍ର ସାଧକ ଅଘୋରୀ ବାବା

ସାଧାରଣତଃ ଅଘୋରୀ କଥା କହିଲେ ଲମ୍ବା ଜଟା ପାଉଁଶବୋଳା ଶରୀର ଓ ବେକରେ ମୁଣ୍ଡ ମାଳ ପଡ଼ିଥିବା, ମଥାରେ ଚନ୍ଦନ ଟିପା ଲଗାଇଥିବା ଭୟଙ୍କର ଛବିର ଦୃଶ୍ୟ ମନକୁ ଆସିଥାଏ । ତେବେ ଯେଉଁ ସାଧୁ ସନ୍ଥମାନେ ତନ୍ତ୍ର ସାଧନା କରନ୍ତି, ତାହାଙ୍କୁ ଅଘୋରୀ ବୋଲି କୁହାଯାଏ । ଅଘୋରୀମାନେ ଶ୍ମଶାନରେ ଶୂନଶାନ୍ ସ୍ଥାନରେ ମନ୍ତ୍ର ସାଧନା କରିଥାନ୍ତି । ଅଘୋରୀ ହେବା ପାଇଁ ସର୍ବ ପ୍ରଥମେ ମନରୁ ସମସ୍ତ ଘୃଣାଭାବ ଦୂର କରିବାକୁ ପଡ଼ିଥାଏ । ଯାହାକୁ ମଣିଷମାନେ ଘୃଣା କରନ୍ତି ତାହାକୁ ଅଘୋରୀମାନେ ଆପଣାଇଥାନ୍ତି । ଅଘୋରୀ ଶବ୍ଦର ସଂସ୍କୃତ ଭାଷାରେ ଅର୍ଥ ହେଉଛି 'ଆଲୋକ ଆଡ଼କୁ ଅଗ୍ରସର ହେବା' । ଯାହାର ଅର୍ଥ ପବିତ୍ରତା ଅର୍ଥାତ୍ ସବୁ ଖରାପ ଜିନିଷରୁ ନିଜକୁ ମୁକ୍ତ କରିବା । କିନ୍ତୁ ଅଘୋରୀଙ୍କର ରହଣି,ଚଳଣି ସମ୍ପୂର୍ଣ୍ଣ ଓଲଟା । ଅଧିକାଂଶ ଅଘୋରୀ ବାବା ଶ୍ମଶାନଘାଟ ତଥା ଗୁମ୍ଫାର ଶୂନଶାନ୍ ଅଞ୍ଚଳରେ ବାସ କରିଥାନ୍ତି ।

## ଅଘୋରୀଙ୍କ ବିଚିତ୍ର ଜୀବନ ଶୈଳୀ

ଅଘୋରୀ ବାବାମାନଙ୍କ ଜୀବନ ଶୈଳୀ ବିଚିତ୍ର । ସେମାନଙ୍କ ଖାଦ୍ୟ କଥା ଚିନ୍ତା କଲେ ଦେହ ଶୀତେଇ ଉଠେ । ଅତି ଭୟଙ୍କର ଦେଖାଯାଉଥିବା କେତେକ ଅଘୋରୀ ଶ୍ମଶାନ ଘାଟରେ ପୋଡ଼ାଯାଉଥିବା ଅର୍ଦ୍ଧଦଗ୍ଧ ଶରୀରରୁ ମାଂସ କାଢ଼ି ଭକ୍ଷଣ କରିଥାନ୍ତି ବୋଲି କୁହାଯାଏ ।  ତେବେ ଏହାର ସତ୍ୟତା ଅନୁସନ୍ଧାନ ସାପେକ୍ଷ । ଯେଉଁ ଜିନିଷକୁ ସାଧାରଣ ଲୋକମାନେ ଘୃଣା କରନ୍ତି,ସେଇ ସମସ୍ତ ଜିନିଷକୁ ସେମାନେ ନିଜ ସାଧନାର ଏକ ଅଂଶଭାବେ ଆପଣାଇଥାନ୍ତି  । ଅଘୋରୀମାନେ ସର୍ବଦା ମଣିଷ ଖପୁରିକୁ ନିଜ ପାଖରେ ରଖିଥାନ୍ତି । ଏହାକୁ ଖାଦ୍ୟ ଖାଇବାର ପାତ୍ର ଭାବେ ବ୍ୟବହାର କରନ୍ତି ।  ଏହି କାରଣରୁ ସେମାନଙ୍କୁ କାପାଳିକ ବୋଲି କୁହାଯାଏ । କିମ୍ବଦନ୍ତୀ ଅନୁଯାୟୀ ଶିବ ବ୍ରହ୍ମାଙ୍କର ମସ୍ତକ ଛେଦନ କରି ସେହି କଟାମୁଣ୍ଡ ଧରି ସମଗ୍ର ବ୍ରହ୍ମାଣ୍ଡ ବୁଲିଥିଲେ । ତେଣୁ ଭଗବାନ ଶିବଙ୍କୁ ସେମାନେ ଅନୁକରଣ କରିଥାନ୍ତି । ଶବକୁ ନେଇ ଅଘୋରୀ ଆହୁରି କୁତ୍ସିତ ସଂପର୍କ ଥିବା କୁହାଯାଏ । ତେବେ  ତାହାର ସତ୍ୟାସତ୍ୟ ନେଇ କୌଣସି ପ୍ରମାଣ ନାହିଁ ।

## ଶିବ ଉପାସକ ଅଘୋରୀ

ଅଘୋରୀମାନେ ଶିବଙ୍କ ଉପାସନା କରିଥାନ୍ତି ।  ସେମାନେ  ସମ୍ପୂର୍ଣ୍ଣ ଭାବେ ଶିବ ଚେତନାରେ ଲୀନ ହେବାକୁ ଚାହାଁନ୍ତି । ଭଗବାନ ଶିବଙ୍କୁ ଅଘୋରୀଙ୍କର ପ୍ରଣେତା ଭାବେ ଜଣାଯାଏ । ତାଙ୍କର ପାଞ୍ଚ ରୂପରୁ ଏକ ରୂପ ଏହି ଅଘୋରୀ । ଶିବଙ୍କ ଉପାସନା କରିବା ପାଇଁ ଅଘୋରୀମାନେ ଶବ ଉପରେ ବସି କଠୋର ସାଧନା କରିଥାନ୍ତି ।  'ଶବରୁ ଶିବ ପ୍ରାପ୍ତି' ର ଏହି ପଥ ଅଘୋରୀମାନଙ୍କ ପରିଚୟ । ମାନ୍ୟତା ଅନୁସାରେ ଶ୍ମଶାନଘାଟରେ ଅଘୋରୀମାନେ ତିନି ପ୍ରକାର ସାଧନା କରିଥାନ୍ତି । ଶବ ସାଧନାରେ ଶବ ମାଂସ ଓ ମଦ ଭୋଗ କରାଯାଏ । ଶିବ ସାଧନା ହେଉଛି ବେଶ୍ କଷ୍ଟକର । ଶବ ଉପରେ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ଏହି ସାଧନା କରାଯାଇଥାଏ ।  ସେହିପରି ଶ୍ମଶାନ ସାଧନାରେ ଶ୍ମଶାନ ଘାଟରେ ପୂଜାପାଠ କରାଯାଇଥାଏ ।

ଅଘୋରୀମାନଙ୍କ କହିବାନୁଯାୟୀ, ସବୁ ମଣିଷ ଅଘୋରୀ ଭାବେ ଜନ୍ମ ହୋଇଥାନ୍ତି । ଛୋଟ ପିଲାମାନେ ଯେଉଁଭଳି ଭଲଖରାପର ଅନ୍ତର ଜାଣିପାରନ୍ତି ନାହିଁ । ଠିକ୍ ସେପରି ଅଘୋରୀମାନେ ଭଲମନ୍ଦ ଉଭୟକୁ ଗୋଟିଏ ଦୃଷ୍ଟିରେ ଦେଖିଥାନ୍ତି ।  ତେବେ ଅଘୋରୀମାନଙ୍କ ଜୀବନର ଅନେକ ରହସ୍ୟକୁ ଏବେ ବି ଉଦ୍‌ଘାଟନ କରାଯାଇପାରିନାହିଁ ।




## ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି ନାହିଁ

ଅନ୍ୟ ସାଧୁ, ସନ୍ଥ ଭଳି ଏମାନେ ବ୍ରହ୍ମଚର୍ଯ୍ୟ ଧର୍ମର ପାଳନ କରନ୍ତି ନାହିଁ । ଶରୀରରେ ଭସ୍ମ ଲେପନ କରିଥାନ୍ତି । ଶାରୀରିକ ସମ୍ପର୍କ ସ୍ଥାପନ କରିବା ପ୍ରକ୍ରିୟା ମଧ୍ୟ ସାଧନାର ଏକ ଅଂଶ ବୋଲି ଅଘୋରୀ ବାବାମାନେ ବିଶ୍ୱାସ କରିଥାନ୍ତି । କୁହାଯାଏ ଏପରି କରିବା ଦ୍ୱାରା ଅଘୋରୀମାନଙ୍କର ଶକ୍ତି ବୃଦ୍ଧି ହୋଇଥାଏ ।

## କୁକୁର ପ୍ରିୟ

ଅଘୋରୀମାନେ କୁକୁର ପ୍ରିୟ । କୁକୁରମାନଙ୍କୁ ସେମାନେ ଅଧିକ ଭଲ ପାଆନ୍ତି, କିନ୍ତୁ ଗାଈ, ଛେଳି ଓ ମଣିଷମାନଙ୍କଠାରୁ ସେମାନେ ଦୂରେଇ ରହିଥାନ୍ତି । ତେବେ ଅଘୋରୀମାନେ ନିଜ ପାଖରେ କୁକୁର ରଖିବାକୁ ବେଶି ପସନ୍ଦ କରିଥାନ୍ତି ।

ନାଗା ସନ୍ନ୍ୟାସୀ ଓ ଅଘୋରୀ ବାବା ଦେଖିବାକୁ ସମାନ ଲାଗୁଥଲେ ମଧ୍ୟ ସେମାନଙ୍କ ଜୀବନ ଶୈଳୀ ଓ ସାଧନା ମଧ୍ୟରେ ଅନେକ ପ୍ରଭେଦ  ରହିଛି ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ପ୍ରଖର ହେଉଛି ରବି କିରଣ

ଏକ ସମୟରେ କୋରାପୁଟ ଜିଲ୍ଲାରେ ଏକାଙ୍ଗ ଛତ୍ରପତି ଥିଲେ ଶଙ୍ଖ ନାରାୟଣ ରବି । କ୍ରମାଗତ ବିଜୟ, ମନ୍ତ୍ରୀ ପଦର ଅହଂକାର ଏକସମୟରେ ଶେଷରେ ତାଙ୍କ ପାଇଁ ଡ଼ାକି ଆଣିଲା ବିପଦ । କିଛି ଘନିଷ୍ଠ ଅନୁଗତଙ୍କ ବିଶ୍ୱାସଘାତ ଓ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀବିବାଦ ସୃଷ୍ଟି ଯୋଗୁଁ ତାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଲା । ଏବେ କୁଆଡ଼େ ରବି ନିଜ ଭୁଲ ବୁଝି ତାହାକୁ ସୁଧାରିବା ଆରମ୍ଭ କରିଛନ୍ତି । ତାରା ତେଜରେ ଢ଼େରଦିନ ଅବସାଦଗ୍ରସ୍ତ ରହିବା ପରେ ରବି ଏବେ କିଛିଦିନ ହେଲା ଜୟପୁରରେ ନିଜକୁ ସକ୍ରିୟ କରିଛନ୍ତି । ଖାଲି ସକ୍ରିୟ ହୋଇ ନାହାନ୍ତି, ତାରା ଓ ତାଙ୍କ ସମର୍ଥକଙ୍କୁ ପାଲଟା ଜବାବ ଦେବାକୁ ଆରମ୍ଭ କରିଛନ୍ତି । ଯେଉଁମାନେ ଦଳ ପାଇଁ ଅଲୋଡ଼ା ସେମାନଙ୍କୁ ଦୂରେଇ ନୂଆ ଲୋକଙ୍କୁ ନେଇ ସଙ୍ଗଠନ ସୁଦୃଢ଼ କରିବା ଆରମ୍ଭ କରିଛନ୍ତି । ବିଭିନ୍ନ ସଭା ସମିତିରେ ଶଙ୍ଖପତିଙ୍କ ଜୟଗାନ ସହ ସରକାରୀ କାର୍ଯ୍ୟକ୍ରମର ପ୍ରଚାର ବି କରୁଥିବା ଦେଖାଯାଉଛି । ଅବଶ୍ୟ ଆତ୍ମପ୍ରଚାର ଏକ୍ସଲେଟରରେ ଜୋର ଚାପ ଯୋଗୁଁ କେତେବେଳେ କେମିତି ଟିକେ ଗଡ଼ବଡ଼ ହୋଇ ଯାଉଛି; ତଥାପି ଷ୍ଟିଅରିଂ ଛାଡ଼ିବାକୁ ରବିନାରାୟଣ ପୁରା ନାରାଜ । ନିକଟରେ ଏକ କାର୍ଯ୍ୟକ୍ରମରେ ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରିଥିବା ଶବ୍ଦକୁ ରବି ଭରା ସଭାରେ ଖାଲି ବିରୋଧ କରି ନାହାନ୍ତି, ଆଗାମୀ ଦିନରେ ଲୋକମାନଙ୍କୁ ଏହାର ଜବାବ ଦେବାକୁ ଆହ୍ୱାନ ଦେଇ ନିଜ ଦମ୍ଭର ପରିଚୟ ଦେଇଛନ୍ତି । ମଞ୍ଚ ତଳେ ତାରା ସମର୍ଥକଙ୍କ ହଙ୍ଗାମା ସତ୍ତ୍ୱେ ରବି ଯେଉଁ ସାହସ ଦେଖାଇଛନ୍ତି, ତାକୁ ଶଙ୍ଖଦଳିଆ କର୍ମୀମାନେ ଭାରି ପ୍ରଶଂସା କରିଛନ୍ତି । ଭାଇନା ପୁଣି ଫର୍ମକୁ ଫେରିଲେଣି, ରବି କିରଣ ପ୍ରଖର ହେଲାଣି ବୋଲି ତାଙ୍କ ସମର୍ଥକମାନେ ଏବେ ଚାରିଆଡ଼େ ଗାଇ ବୁଲୁଛନ୍ତି । ■



## କୁସୁମ ହରିବେ ଜୁଏଲ ତେଜ!

ସୁନ୍ଦରଗଡ଼ ପଦ୍ମମଣି ଜୁଏଲ୍ କୁଆଡ଼େ ଭାରି ଅଡୁଆରେ ପଡ଼ିଛନ୍ତି । ଆଗାମୀ ନିର୍ବାଚନରେ ସେ କେଉଁଠୁ ଲଢ଼ିବେ ଓ କେଉଁ ପଦ ପାଇଁ ଲଢ଼ିବେ ତାହାକୁ ନେଇ ମନସ୍ଥିର କରି ପାରୁନାହାନ୍ତି । ଲୋକସଭା ହେଉ ବା ବିଧାନସଭା ଯେଉଁ ଆସନରୁ ଲଢ଼ିଲେ ବି ତାଙ୍କ ପାଇଁ ସମସ୍ୟା କିଛି କମ୍ ନାହିଁ । ପୂର୍ବରୁ ଘନିଷ୍ଠ ଅନୁଗତମାନେ ଆଉ ପାଖ ମାଡୁ ନାହାନ୍ତି, ଅନ୍ୟପକ୍ଷରେ ଦଳରେ ଥିବା ଗୋଷ୍ଠୀ ବିବାଦ ଜୁଏଲଙ୍କ ପାଇଁ ସମସ୍ୟା ଡ଼ାକି ଆଣିଛି । ଆଗାମୀ ନିର୍ବାଚନରେ ସେ ଶେଷଥର ପାଇଁ ଲୋକସଭା ଲଢ଼ିବେ ବୋଲି ଆଗ୍ରହୀ ଥିବା କୁହାଯାଉଥିଲେ ହେଁ ଟିକେଟ୍‌କୁ ନେଇ ନିଶ୍ଚିତତା ନାହିଁ । ଜୁଏଲଙ୍କ ସ୍ଥାନରେ ଶଙ୍ଖ ଆମଦାନୀ ସୁନ୍ଦରଗଡ଼ ପଦ୍ମନେତ୍ରୀ କୁସୁମଙ୍କୁ ଲୋକସଭା ପ୍ରାର୍ଥୀ କରିବାକୁ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଲବି ଚଳାଇଛନ୍ତି । ଆଉ ଏହି ଲବି ଯଦି ସତରେ ସଫଳ ହୁଏ, ତେବେ ଜୁଏଲଙ୍କ ରାଜନୈତିକ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଥୟ । ଢ଼େର ଦିନ ହେଲା ସିଏ ତାଙ୍କ ନିଜ ବିଧାନସଭା କ୍ଷେତ୍ର ବଣେଇଁକୁ ଏକପ୍ରକାର ଭୂଲି ସାରିଛନ୍ତି । ଗତ ନିର୍ବାଚନଗୁଡ଼ିକରେ ସାମ୍ୟବାଦୀ ନେତା ଲକ୍ଷ୍ମଣ ମୁଣ୍ଡାଙ୍କ ଦା-ହାତୁଡ଼ି ପଦ୍ମବଣକୁ ଧ୍ୱଂସ କରି ଦେଇଛି । ଏପରି ଅବସ୍ଥାରେ ସେ ବଣେଇଁକୁ ଫେରିବେ ନା କୁସୁମଙ୍କ ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହେବାକୁ ଆଗ୍ରହ ପ୍ରକାଶ କରିବେ ତାହା ସ୍ପଷ୍ଟ ହୋଇପାରି ନାହିଁ । ୨୦୧୯ ସାଧାରଣ ନିର୍ବାଚନ ପରେ ସୁନ୍ଦରଗଡ଼ ଜିଲ୍ଲାରେ ଜୁଏଲଙ୍କ ତେଜ କମିବାରେ ଲାଗିଛି । ପଞ୍ଚାୟତ ଓ ପୌର ନିର୍ବାଚନ ସାଙ୍ଗକୁ ରାଉରକେଲା ଇସ୍ପାତ କାରଖାନା ସ୍ୱୀକୃତି ନିର୍ବାଚନରେ ତାଙ୍କ ସମର୍ଥକମାନଙ୍କୁ ନିରାଶ ହେବାକୁ ପଡ଼ିଛି । ଆଉ ସତରେ ଯଦି କୁସୁମଙ୍କୁ ଲୋକସଭା ଟିକେଟ ମିଳେ, ତେବେ ଜୁଏଲଙ୍କ ତେଜ ରହିବ ଟି ? ■



## ବୁଲିବୁଲି ପୁଣି ସେଇ ଅଗଣା

ଓଡ଼ିଆରେ କଥାଟିଏ ଅଛି- ଆରେ ଢ଼ମଣା, ବୁଲିବୁଲି ପୁଣି ସେଇ ଅଗଣା । ମାଷ୍ଟରକ୍ୟାଣ୍ଟିନ ମଠର ପୁରୁଖା ଓ ପୁରୁଣା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋଙ୍କ ଲେଉଟାଣିକୁ ନେଇ ଏବେ କୋରାପୁଟ ଜିଲ୍ଲାରେ ଏପରି ଚର୍ଚ୍ଚା ଚାଲିଛି । ନିଜ ଦୀର୍ଘ ରାଜନୈତିକ ଜୀବନ ମଧ୍ୟରେ ଗିରିଧର ସଫଳତାର ଶିଖର ଛୁଇଁ ସାରିଛନ୍ତି । ଢ଼େରଥର ସାଂସଦ, କେନ୍ଦ୍ରମନ୍ତ୍ରୀ, ଏପରିକି ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦରେ ବି ବସିଛନ୍ତି । ନିଜ ପତ୍ନୀଙ୍କୁ ସାଂସଦ କରିବାରେ ସଫଳ ହୋଇଛନ୍ତି । ମାତ୍ର ଏବେ ଢ଼ମଣା ସାଜି ପୁରୁଣା ଅଗଣାକୁ ଫେରିବା ପଛରେ ନିଜ ଅପେକ୍ଷା ପୁଅ ଶିଶିରର ଭବିଷ୍ୟତ ଚିନ୍ତା ବେଶୀ ବୋଲି କୁହାଯାଉଛି । ପୁଅ ପାଇଁ ହାତ ଓ ଟାଙ୍ଗୁ ଛାଡ଼ି ସିଏ ଶୁଖିଲା ପଦ୍ମ ପୋଖରୀକୁ ଡ଼େଇଁ ଆଣ୍ଠୁଗଣ୍ଠି ଛିଡ଼ାଇଲେ । ମାତ୍ର ସେଠାରେ ସଫଳତା ମିଳିଲା ନାହିଁ ଯେ ତେଲଙ୍ଗାନାରେ କେସିଆରଙ୍କୁ ଭେଟି ବିଆର୍‌ଏସ୍‌ର ଗୋଲାପୀ ଗାଡ଼ିରେ ଚଢ଼ିବାକୁ ଆଗ୍ରହ ଦେଖାଇଲେ । ମାତ୍ର ରାଜ୍ୟରେ ଦଳ ଗଢ଼ିବା ପୂର୍ବରୁ କ୍ଷମତା ରାଜନୀତିରୁ ଭିଆର୍‌ଏସ୍ ନେଇଗଲା ବିଆର୍‌ଏସ୍ । ଅନନ୍ୟୋପାୟ ଗିରିଧର ପୁତ୍ର ଓ ପତ୍ନୀଙ୍କ ସହ ରାଜନୈତିକ ବନବାସରୁ ପ୍ରତ୍ୟାବର୍ତ୍ତନ କରି ହାତ ଶିବିରରେ ସାମିଲ ହୋଇଛନ୍ତି । ଦଳର ରାଜ୍ୟ ପ୍ରଭାରୀ ଡ଼. ଅଜୟକୁମାରଙ୍କୁ ଦିଲ୍ଲୀରେ ଭେଟି ଦଳକୁ ଫେରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏବେ କେବଳ ରାହୁଲଙ୍କୁ ଅପେକ୍ଷା । ତାଙ୍କର ୪ ଦିନିଆ ଓଡ଼ିଶା ପଦଯାତ୍ରା କାର୍ଯ୍ୟକ୍ରମ ସମୟରେ ଗିରିଧର ବିଧିବଦ୍ଧ ଭାବରେ କଂଗ୍ରେସରେ ସପରିବାର ଯୋଗଦେବେ । ■



## କଂଗ୍ରେସକୁ 'ସତ' ବଦହଜମ

ବଡ଼ବଡ଼ ଲୋକମାନେ କହିଛନ୍ତି ବୁଦ୍ଧିମାନ ଲୋକ 'ସତ'କୁ ସବୁବେଳେ ସ୍ୱୀକାର କରନ୍ତି ଓ ନିଜ ଇତିହାସକୁ ଭଲ ଭାବରେ ଅଧ୍ୟୟନ କରନ୍ତି । ଯାହା ତାଙ୍କୁ ସବୁ କ୍ଷେତ୍ରରେ ସଫଳ କରିଥାଏ । ମାତ୍ର ଓଡ଼ିଶାରେ କଂଗ୍ରେସ ଓ ଏହାର ନେତୃତ୍ୱ ଏହି ଦୁଇଟି ପ୍ରସଙ୍ଗଠାରୁ ଢ଼େର ଦୂରରେ । ଦଳର ନେତାମାନେ ସତକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ଓ ନିଜଦଳର ଇତିହାସ ପ୍ରତି ରୁଚି ଦେଖାଉ ନାହାନ୍ତି । ଏବେ ରାଜ୍ୟର କଂଗ୍ରେସ ନେତାମାନେ କ୍ଷମତା ଦଖଲ ନିମନ୍ତେ ମିଳିତ ଲଢ଼େଇ ଅପେକ୍ଷା ପିସିସି ସଭାପତି ପଦ ଓ ନିଜ ଦଳର ପ୍ରତିଦ୍ୱନ୍ଦ୍ୱୀ ନେତାଙ୍କୁ ଦଳିମଳି ତଳେ ଫିଙ୍ଗିଦେବାର ମାନସିକତାରେ ଉବୁଟୁବୁ ହେଉଛନ୍ତି । ସତ କହିବା ବା ଶୁଣିବା ପାଇଁ ଦଳର ନେତାଙ୍କ ହିମ୍ମତ ନାହିଁ । ନିର୍ଦ୍ଦିଷ୍ଟ କିଛି ଅନୁଗତ ନେତାଙ୍କୁ ଧରି ମହନ୍ତ ଶରତ ଓ ତାଙ୍କ ପ୍ରଚାରକ ମିଛ ପ୍ରଚାରରେ ଲାଗି ପଡ଼ିଛନ୍ତି । ପୂର୍ବରୁ ସତ କହିବା ଅଭିଯୋଗର ଦଣ୍ଡ ସ୍ୱରୂପ ବରିଷ୍ଠ ବିଶ୍ୱାଳ ଓ କଟକୀ ମୋକିମ୍ ଏଯାଏ ଦଳଠୁ ବାହାରେ । ନାରାୟଣଙ୍କ ପରି କିଛି ନେତାଙ୍କ ଉପରେ ନିଲମ୍ବନ ଓ ବହିଷ୍କାର ପରି ଦଣ୍ଡ ଲାଗି ସାରିଛି । ଆଉ ଏବେ ଏହି ଗୋଷ୍ଠୀର କୁଦୃଷ୍ଟିର ଶିକାର ହୋଇଛନ୍ତି ବିଧାୟକ ଅଧୀରାଜ । ତାଙ୍କର ଅପରାଧ ହେଲା ପରିକ୍ରମା ପ୍ରକଳ୍ପକୁ ପ୍ରଶଂସା । ଅନ୍ୟମାନଙ୍କ ପରି ସେ ପରିକ୍ରମା ପ୍ରକଳ୍ପ ଦେଖିବାକୁ ଯାଇଥିଲେ । ସେଠି ସେ ଯାହା ଦେଖିଲେ ଓ ଅନୁଭବ କଲେ ତାହା କହିଲେ । ପରିକ୍ରମା ପ୍ରକଳ୍ପରେ କରାଯାଇଥିବା କାର୍ଯ୍ୟକୁ ପ୍ରଶଂସା କଲେ । ମାତ୍ର ପରିକ୍ରମା ପ୍ରକଳ୍ପରେ ହୋଇଥିବା ଭଲ କାର୍ଯ୍ୟର ପ୍ରଶଂସାକୁ ରାଜ୍ୟ କଂଗ୍ରେସ ନେତୃତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ପ ସତ୍ୟକୁ ସ୍ୱୀକାର ନ କରି ଏପରି ରୁଗ୍‌ଣ ମାନସିକତା ରଖିଥିବା ନେତାଙ୍କୁ ଲୋକ ଭୋଟ ଦେବେ ତ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।